ସାପ୍ତାହିକ
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ✓ ଶରତ ନାରାୟଣ ବେହେରା
Postal Regd. No.: SBP/14/2025-2027
RNI No. 66443/94
Vol.29 | Issue - 26 | 29 June - 5 July 2025 | Sambalpur | Pages- 8 | Invitation Price Rs.10

# ହଳଧର ସାହିତ୍ୟରେ ଥିବା ଦର୍ଶନର ପଟାନ୍ତର ନାହିଁ: ଧର୍ମେନ୍ଦ୍ର









ବରଗଡ଼: ଜନୈକ ବ୍ୟକ୍ତିକୁ ଲେଖାରେ ସକ୍ରିୟ କରିବାର ମାଧମ ହେଉଛି ସାହିତ୍ୟ । ବୌଦ୍ଧିକ ତରଙ୍ଗକୁ ନିରନ୍ତର ସଞ୍ଚାଳିତ କରି ନୂଆ ଆବେଗ ତିଆରି କରିବାର ନାଁ ହେଲା ସାହିତ୍ୟ । ସମସ୍ତେ ସାହିତ୍ୟିକ ହୋଇପାରନ୍ତି ନାହିଁ । କିନ୍ତୁ ସମସ୍ତଙ୍କ ମଧରେ ସାହିତ୍ୟ ଥାଏ ତଥା ସାହିତ୍ୟର ଆବଶ୍ୟକତା ରହିଥାଏ । କ୍ୱଚିତ୍ ଲୋକମାନେ ସେହି ବିଚାର ଓ ଆବେଗକୁ ଲୋକଭାଷା ବା ମାତୃଭାଷାରେ ପରିପ୍ରକାଶ କରିବାର କ୍ଷମତା ରଖିଥାନ୍ତି । ସେହିଭଳି ଜଣେ ବ୍ୟକ୍ତିବିଶେଷ ହେଉଛନ୍ତି ହଳଧର ନାଗ । ତାଙ୍କର ସାହିତ୍ୟ ରଚନାରେ ଥିବା ଦର୍ଶନ, ତତ୍ତ୍ୱର ପଟାନ୍ତର ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ସମ୍ବଲପୁରୀ ଭାଷାର ପ୍ରଥିତଯଶା ଲୋକକବି ପଦ୍ମଶ୍ରୀ ହଳଧର ନାଗ ଓ ତାଙ୍କ ସାହିତ୍ୟ ସଂକ୍ରାନ୍ତରେ ଘେଁସର ସାହିତ୍ୟ ଅନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦ ଓ ବରଗଡ଼ର କ୍ରିଷ୍ଣା ବିକାଶ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଦ୍ୱି-ଦିବସୀୟ ଜାତୀୟ ଆଲୋଚନା ଚକ୍ର "ହଳଧର – ସୃଜନ ଆର୍ ଦର୍ସନ'କୁ ଉଦ୍‌ଘାଟନ କରି ଶ୍ରୀ ପ୍ରଧାନ କହିଥିଲେ ଯେ, ଲୋକ କବିରତ୍ନ, ଯାଦବ ରତ୍ନ ଆଦି ଅନେକ ସମ୍ମାନରେ ଭୂଷିତ ପଦ୍ମଶ୍ରୀ ହଳଧର ନାଗ ହେଉଛି ଭାରତର ଜଣେ ଉଜ୍ଜ୍ୱଳ ରତ୍ନ । ଆମ ଅଞ୍ଚଳର ଅସ୍ମିତା, ଅଭିବ୍ୟକ୍ତି ଓ ଆବେଗର ଅନ୍ୟତମ ବାର୍ତ୍ତାବହ । ସମ୍ବଲପୁରୀ ଭାଷାକୁ ସୁସମୃଦ୍ଧ କରିବାରେ ତାଙ୍କର ଅବଦାନ ଅତୁଳନୀୟ । ଏହି ଅବସରରେ ଶ୍ରୀ ପ୍ରଧାନ ହଳଧର ନାଗଙ୍କ ଉପରେ ଲିଖିତ କିଛି ପୁସ୍ତକ, ଗ୍ରନ୍ଥାବଳୀ ଏବଂ ସଂକଳନକୁ ଲୋକାର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବରଗଡ଼ ଏମ୍.ପି. ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଂଜନ ମହାନନ୍ଦ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପଦ୍ମଶ୍ରୀ ହଳଧର ନାଗ, କ୍ରିଷ୍ଣା ବିକାଶ ଅନୁଷ୍ଠାନର ଅଧକ୍ଷ ଡି. ମୂରଲୀକ୍ରିଷ୍ଣା, ଘେଁସ ଅଭିମନ୍ୟୁ ସାହିତ୍ୟ ସଂସଦର ଅଶୋକ କୁମାର ପୁଝାରୀ ଓ ସୁଶାନ୍ତ ମିଶ୍ର, ବରଗଡ଼ର ପୂର୍ବତନ ସାଂସଦ ଡକ୍ଟର ପ୍ରଭାସ ସିଂ ଓ ଛତିଶଗଡ଼ ମହାସମୁନ୍ଦର ପୂର୍ବତନ ସାଂସଦ ଚୁନିଲାଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

सत्यमेव जयते





ପବିତ୍ର ରଥଯାତ୍ରା ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ
ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୫ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

(ହରି ବାବୁ କମ୍ଭମ୍‌ପାଟି)





ପବିତ୍ର ରଥଯାତ୍ରା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ରଥଯାତ୍ରା ଆମ ସମସ୍ତଙ୍କ ପାଇଁ ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ । ମହାପ୍ରଭୁଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା ।

ଜୟ ଜଗନ୍ନାଥ ...

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୬ ତମ ଜନ୍ମ ଦିନ ପାଳିତ










ସମ୍ବଲପୁର : ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ୫୬ତମ ଜନ୍ମଦିନ ଅବସରରେ ତାଙ୍କର ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ କାମନା କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମନ୍ଦିରମାନଙ୍କରେ ପୂଜାର୍ଚ୍ଚନା, ଦୀପ ପ୍ରଜ୍ୱଳନ, ରକ୍ତଦାନ ଶିବିର ଓ ସଭାମାନ ଆୟୋଜିତ ହୋଇ ଯାଇଛି ।

କ୍ଷେତରାଜପୁର ନାଗରିକ ସଂଘ ଓ ମାର୍ଚ୍ଚେଣ୍ଟ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆରଏସଏସର ପୂର୍ବତନ ପଶ୍ଚିମ ପ୍ରାନ୍ତ ସଂଘଚାଳକ ବିପିନ ବିହାରୀ ନନ୍ଦ ଯୋଗ ଦେଇ କହିଥିଲେ ଯେ, ଦଳ ଆଜି ଯେଉଁ କ୍ଷମତାରେ ରହିଛି, ସେଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦେଶ, ରାଜ୍ୟ ପାଇଁ ଚିନ୍ତା କରୁଥିବା ବ୍ୟକ୍ତି ହେଉଛନ୍ତି ଧର୍ମେନ୍ଦ୍ର । ବିକାଶ ଦିଗରେ ସେ ସବୁବେଳେ ଚେଷ୍ଟା କରୁଥାନ୍ତି । ଯାହାକି ଆଗାମୀ ଦିନରେ ସ୍ୱପ୍ନର ସମ୍ବଲପୁର ଆଶା ପୂରଣ ହେବ । ଭିମସାର୍ ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ସଞ୍ଜୀବ ମିଶ୍ର, କ୍ଷେତରାଜପୁର ମାର୍ଚ୍ଚେଣ୍ଟ ପରିଷଦ ସଭାପତି ସୁନୀଲ ମିତ୍ତଲ ଓ ଭୋଜପୁରୀ ସମାଜର ସଭାପତି ପଶୁପତିନାଥ ତିୱାରୀ ସଭାରେ ଉପସ୍ଥିତ ରହି କେନ୍ଦ୍ରମନ୍ତ୍ରୀଙ୍କ କାମକୁ ବେଶ ପ୍ରଶଂସା କରିଥିଲେ । ମୁନା ତିୱାରୀ ଓ ରାମନିରଞ୍ଜନ ତିୱାରୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

ସମ୍ବଲପୁର କଚେରୀ ରୋଡ ସ୍ଥିତ ବିଜେପି କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳନ କରାଯାଇଛି । କେକ୍ କାଟିବା, ଜନ୍ମଦିନ ଶୁଭେଚ୍ଛା ଗୀତ ଗାନ ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଏଥିରେ ଶୁଭଶ୍ରୀ ମିଶ୍ର, ସବିତା ନନ୍ଦ, କବିତା ବେହେରା, ଦୁବରାଜ ପାଣିଗ୍ରାହୀ, ଅନିଲ ବେହେରା, ସମୀର ରଞ୍ଜନ ବାବୁ, ମାନସ ରଞ୍ଜନ ବକ୍ସି, ଫଣିଭୂଷଣ ମିଶ୍ର, ସୁଧୀର ରଞ୍ଜନ ବହିଦାର, ମୁକେଶ ଜରିୱାଲ, ମୋହନ ଦାଶ, ଅଜିତ ବେହେରା, ଦୀପକ ଦାସ, ଗୋପାଲ ଅଗ୍ରୱାଲ, ଅନାମୀ ବାରିକ, ଧିରଜ୍ କରାଲି, ପଞ୍ଚାନନ ତ୍ରିପାଠୀ, କଳ୍ପେଶ୍ୱର୍ ପ୍ରଧାନ, ଅଭିଷେକ କରାଲି ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ଧର୍ମେନ୍ଦ୍ର ପ୍ରଧାନ ଫ୍ୟାନ କ୍ଲବ ପକ୍ଷରୁ ଶ୍ରୀ ପ୍ରଧାନଙ୍କ ୫୬ ତମ ଜନ୍ମଦିନ ଧୁମଧାମ ପାଳନ କରାଯାଇଛି । ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଦୀର୍ଘାୟୁ କାମନା କରି ଦୀପ ପ୍ରଜ୍ଜଳନ କରାଯାଇଥିଲା । ରେଲୱେ କମ୍ୟୁନିଟି ସେଣ୍ଟରରେ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏଥିରୁ ୧୧୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଶିବିରକୁ ଉତ୍ତରାଞ୍ଚଳ ପୁଲିସ୍ ଆଇଜି ହିମାଂଶୁ ଲାଲ୍ ଓ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ ଅତିଥି ଭାବେ ଯୋଗ ଦେଇଥିଲେ ।

ଏହାଛଡ଼ା ଧର୍ମେନ୍ଦ୍ର ପ୍ରଧାନ ଫ୍ୟାନ୍ କ୍ଲବ ପକ୍ଷରୁ ଛତାବର ସ୍ଥିତ ଆଶ୍ରମରେ ବୃଦ୍ଧାବୃଦ୍ଧିଙ୍କୁ ଛତା ବଣ୍ଟନ କରାଯାଇଥିଲା । ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ ହୋଇଥିଲେ । ଏଥିରେ ପୁଲିସ୍ ଆଇ.ଜିଙ୍କ ସହ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୂ, ଏସ୍‌ଏମ୍‌ସି କମିଶନର ବେଦଭୂଷଣ ଉପସ୍ଥିତ ଥିଲେ । ରବି ପ୍ରଧାନଙ୍କ ସଂଯୋଜନାରେ ରାମଦାସ ପଣ୍ଡା ଏହାକୁ ସହଯୋଗ କରିଥିଲେ । ଏଥିରେ ସୁବୀର ପଲ, ହେମା ଏକା, ଦେବାଶିଷ ଶତପଥୀ, ଅଶୋକ ରାଉତ, ଶିବବ୍ରତ ଦାସ, ବବଲୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ମାନେଶ୍ୱର ବ୍ଲକ ସାହସପୁର ପଞ୍ଚାୟତ ଶରଧାପାଲି ଜଗନ୍ନାଥ ମନ୍ଦିରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିନ ପାଳନ କରାଯାଇଛି । ଶ୍ରୀ ପ୍ରଧାନଙ୍କ ସୁସ୍ଥ ଓ ଦୀର୍ଘାୟୁ କାମନା କରି ଆଳତି କରାଯାଇଥିଲା । ପରେ ଗ୍ରାମବାସୀଙ୍କ ମଧ୍ୟରେ ମିଠା ବଣ୍ଟନ କରାଯାଇଥିଲା । ଏଥିରେ ରବି ଖରସେଲ, ରତ୍ନାକର ସେଠ୍, ଅକ୍ଷୟ ଝାଙ୍କର, ପପୁ ଭୋଇ, ଦୟା ସାଗର ସେଠ୍, ସୁମିତ୍ ଭୋଇ, ଜାନକୀ ନାୟକ, ମଞ୍ଜରୀ ଝାଙ୍କର, ପଙ୍କଜିନି ଡିଲା, ଲକ୍ଷ୍ମୀ ସେଠ୍, ଗୀତାଞ୍ଜଳି ଭୋଇ ଓ ଦୀପ୍ତିନିକା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ସେହିପରି ଶ୍ରୀ ପ୍ରଧାନଙ୍କ ତାଙ୍କ ଜନ୍ମ ଦିନକୁ ଯୁଯୁମୁରା ଡଙ୍ଗାପାଳ ଗାଁ ଉତ୍ସବ ପରିବାର ପକ୍ଷରୁ ନିଆରା ଢଙ୍ଗରେ ପାଳନ କରାଯାଇଛି । ଫୁଲଝରନ ସ୍ଥିତ ସାର୍ ଆଇଜାକ୍ ବାଳ ନିକେତନ ଓ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସହ ପାଳନ କରିଥିଲେ । କୁନି ପିଲାମାନେ କେକ୍ କାଟିଥିଲେ । ମିଷ୍ଟାନ୍ନ, ଖାତା, ବହି ବଣ୍ଟନ କରାଯାଇଥିଲା । ବୃଦ୍ଧାଶ୍ରମର ମହିଳାମାନେ ମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ । ଏହି ଅବସରରେ ଉତ୍ସବ ପରିବାରର ତଥା ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ, ବିଜେପି ମଣ୍ଡଳ ସଭାପତି ଓମ ପ୍ରକାଶ ବିଶ୍ୱାଳ, ବଣ୍ଟି ପ୍ରଧାନ, ସସ୍ମିତା ନାଏକ, ପରଖିତ ନାଏକ, ଆକାଶ ସ୍ୱାଇଁ, ଗୋଲକ ପ୍ରଧାନ, ନୀଳମଣି ସେଠ, ପୁରୁଷୋତ୍ତମ ଭୋଇ, ସରୋଜ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ଯୁଯୁମୁରା ଶିବ ମନ୍ଦିରରେ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା କରିଥିଲେ । ମନ୍ଦିରରେ ପରିସରରେ ଚାରା ରୋପଣ କରାଯାଇଥିଲା ।

ବୁର୍ଲାସ୍ଥିତ ମୁଖ୍ୟ ବଜାରର ହନୁମାନ ମନ୍ଦିର ନିକଟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ସହ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୬ତମ ଜନ୍ମ ଦିବସ ବୁର୍ଲା ମଣ୍ଡଳ ବିଜେପି ତରଫରୁ ପାଳନ କରାଯାଇଛି । ୫୬ଟି ପ୍ରଦୀପ ପ୍ରଜ୍ୱଳନ କରି ସମସ୍ତ କର୍ମୀ ତାଙ୍କର ସୁସ୍ଥ ନିରାମୟ ଜୀବନ କାମନା କରିବା ସହ ଓଡିଶାର ବିକାଶରେ ବିଶେଷ କରି ସମ୍ବଲପୁରର ଉନ୍ନତି ମାର୍ଗରେ ତାଙ୍କର ସହଯୋଗ ପାଇଁ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପ୍ରାର୍ଥନା କରିଥିଲେ । ବୁର୍ଲା ବିଜେପି ମଣ୍ଡଳ ସଭାପତି ଆକାଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ପୁତ୍ରୀ ସୁଶ୍ରୀ ଶୁଭଶ୍ରୀ ମିଶ୍ର, ବରିଷ୍ଠ ବିଜେପି ନେତା ପ୍ରସନ୍ନ କୁମାର ସାହୁ, ପ୍ୟାରୀମୋହନ ପୁଜାହାରୀ, ତରଣୀସେନ ଚାନ୍ଦ, ସଂଜିବ ବର୍ମା, ଉମେଶ ବଳ, ଦେବାଶିଷ ନନ୍ଦ, ରମାକାନ୍ତ ସାହୁ, ଶ୍ୟାମ ଗୌଡ଼, ଦୀନେଶ ଷଡ଼ଙ୍ଗୀ ବୁର୍ଲା ବିଜ୍ଞାପିତ ଅଞ୍ଚଳର ପୂର୍ବତନ ନଗରପାଳ ଚନ୍ଦ୍ରାବତୀ ନାୟକଙ୍କ ସମେତ ବିଜେପିର ବହୁ ଛାତ୍ର, ଯୁବକ, ବରିଷ୍ଠ ନେତୃବର୍ଗ ଓ ମହିଳା କର୍ମୀ ଯୋଗ ଦେଇଥିଲେ ।

ରେଙ୍ଗାଲି ବ୍ଲକ ଠେଲକଲୋଇ ଠାରେ ଧର୍ମେନ୍ଦ୍ର ପ୍ରଧାନ ଫେନ୍ କ୍ଲବ୍ ପକ୍ଷରୁ କେନ୍ଦ୍ର ମନ୍ତ୍ରୀଙ୍କ ଜନ୍ମ ଦିନ ଅବସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଠେଲକଲୋଇ ସ୍ଥିତ କଲ୍ୟାଣ ମଣ୍ଡପରେ ଧର୍ମେନ୍ଦ୍ର ପ୍ରଧାନ ଫେନ୍ କ୍ଲବ୍ ସଂଯୋଜକ ମୋତିଲାଲ ତନ୍ତୀଙ୍କ ନେତୃତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ପରମାଣପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ବିପିନ ବିହାରୀ ନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ବିଧୁଭୂଷଣ ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୁର୍ଲା ପୂର୍ବତନ ଚେୟାରମେନ ବିଷ୍ଣୁ ଦୀକ୍ଷିତ, ଏନଏଲସିର ସୁବ୍ରତ ବିଶ୍ୱାଳ, ଟାଲିମ୍ ବାବୁ, ଭାରତୀ ବେହେରା, ପ୍ରଶାନ୍ତ ପଣ୍ଡା, ପ୍ରେମ ତିୱାରୀ, ରମେଶ ନାୟକଙ୍କ ସହ ବହୁ ଲୋକେ ଯୋଗ ଦେଇଥିଲେ । ଶିବିରରେ ୨୬୯ ୟୁନିଟ ରକ୍ତ ସଂଗ୍ରହ କରଯାଇଥିଲା ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା : ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ସରବାହାଲ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି । ପୋସ୍କୋ ନିୟମ, କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ନିୟମ, ପୋସ୍କୋ ନିୟମରେ ଥିବା ପୀଡ଼ିତ କ୍ଷତିପୂରଣ ଏବଂ ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧିକରଣ ର ମହିଳାମାନଙ୍କ ପାଇଁ ଯୌନ ନିର୍ଯାତନା / ଅନ୍ୟାନ୍ୟ ଅପରାଧର ପୀଡିତା ର କ୍ଷତିପୂରଣ ଯୋଜନା-୨୦୧୮ ସମ୍ପର୍କିତ ଏହି ସଚେତନତା କାର୍ଯ୍ୟକ୍ରମ ରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଆଲୋକ ମୟୀ ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରବୀନ୍ଦ୍ର ମାଝୀ, କିଶୋର ନ୍ୟାୟ ବୋର୍ଡ ର ସଦସ୍ୟା ଶ୍ରୀମତୀ ମମତା ତ୍ରିପାଠୀ, ମୁଖ୍ୟ ଆଇନ୍ ସେବା ପ୍ରତିପକ୍ଷ ଓକିଲ ଶ୍ରୀମତୀ ସାଜଦା ବେଗମ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ତନ୍ମୟୀ ଶୁଭଶ୍ରୀ ପିଙ୍ଗ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଲିଗାଲ ତଥା ପ୍ରୋବେସନ୍ ଅଧିକାରୀ ଶ୍ରୀ ପ୍ରଦ୍ୟୁମ୍ନ ଭାଇନା ଓ ଆଇ.ୟୁ.ସି.ଏ ଡବ୍ଲୁ ଝାରସୁଗୁଡ଼ା ର ଇନ୍ସପେକ୍ଟର ଶ୍ରୀମତୀ ପାର୍ବତୀ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ ।

## ରବି ଧାନ କିଣା ଅବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଅଳକା ମହାନ୍ତି



ଝାରସୁଗୁଡା: ଚଳିତ ବର୍ଷ ରବି ଧାନକିଣା ଅବ୍ୟବସ୍ଥା ପ୍ରସଙ୍ଗରେ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି । ଶ୍ରୀମତୀ ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ୧୯ ଖଣ୍ଡ ମୌଜାର ବିଭିନ୍ନ ଗାଁ, ପ୍ୟାକ୍ସ ବୁଲି ସ୍ଥିତି ପରଖିଲା ପରେ ଝାରସୁଗୁଡା ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପାତ୍ର ପ୍ରଦାନ କରାଯାଇଛି । ଶ୍ରୀମତୀ ମହାନ୍ତି ତାଙ୍କ ଚିଠିରେ କହିଛନ୍ତି ଯେ, ଲଖନପୁର ବ୍ଲକରେ ହେଉଥିବା ଧାନ କିଣା ପ୍ରକ୍ରିୟାର ପଞ୍ଜିକରଣ, ଟୋକନ ପ୍ରଦାନ ବ୍ୟବସ୍ଥାରେ ଚାଷୀମାନେ ଅସନ୍ତୁଷ୍ଟ ଅଛନ୍ତି । ଏ ସମ୍ପର୍କରେ ଚାଷୀ ମାନେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି । ବିସ୍ଥାପନ ସମସ୍ୟା ଦେଇ ଗତି କରିଥିବା ଲଖନପୁର ବ୍ଲକରେ ଲୋକ ମାନେ ଚାଷ କରି ପରିବାର ପ୍ରତିପୋଷଣ କରିଥାଆନ୍ତି । ଏଭଳି ସ୍ଥିତିରେ ଧାନ କିଣା ପ୍ରକ୍ରିୟାରେ ଅବ୍ୟବସ୍ଥା ହେଲେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିଯିବାର ଆଶଙ୍କା ରହିଛି । ତେଣୁ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ କରି ସମସ୍ୟାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀମତୀ ମହାନ୍ତି ଅନୁରୋଧ କରିଛନ୍ତି ।

## ସମ୍ବଲପୁରରେ ଅନ୍ତର୍ଜାତିକ ନିଶା ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳିତ

ସମ୍ବଲପୁର : ଅନ୍ତର୍ଜାତିକ ନିଶା ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ଦିବସ ଉପଲକ୍ଷେ ସମ୍ବଲପୁରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ମା ସମଲେଶ୍ୱରୀ ମନ୍ଦିର ପାଖରୁ ନେଲସନ ମଣ୍ଡେଲା ଛକ ପର୍ଯ୍ୟନ୍ତ ଗଣଦୌଡ ଏବଂ ତା'ପରେ ଏକ ର୍‌ୟାଲି ତପସ୍ୱିନୀ ପ୍ରେକ୍ଷ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ।

ଏହି ଅବସରରେ ଆୟୋଜିତ ସଭାରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢିଙ୍କୁ ନିଶା ଅଭ୍ୟାସରୁ ଦୂରେଇ ରହିବା ଓ ସଚେତନ ହେବା ପାଇଁ ଆହ୍ୱାନ ଜଣାଇଛନ୍ତି । ସମାଜର ସମସ୍ତ ସ୍ତରରେ ଏହି ଅଭିଯାନକୁ ଶକ୍ତି ଦେବା ପାଇଁ ପ୍ରଶାସନ, ପୋଲିସ, ସ୍ୱେଚ୍ଛାସେବୀ ଓ ଧାର୍ମିକ ଅନୁଷ୍ଠାନ, ଗଣମାଧମ ଓ ବୁଦ୍ଧିଜୀବି ମାନଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁ, ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଆଡଭୋକେଟ୍ ଆର୍ତ୍ତତ୍ରାଣ ମିଶ୍ର, ଅବକାରୀ ଅଧିକ୍ଷକ ଅଶୋକ ସେଠ, ବ୍ରହ୍ମକୁମାରୀ ପାର୍ବତୀ ଦିଦି ପ୍ରମୁଖ ଉପସ୍ଥିତ ଥିଲେ ।

# ରାମାୟଣର ଅନ୍ତିମ ଯୁଦ୍ଧ



## ଡକ୍ଟର ପ୍ରମୋଦ କୁମାର ପଣ୍ଡା

କ୍ରତୁ, ପୁଲହ, ପୌଲସ୍ତ୍ୟ, ଅତ୍ରି, ଅଙ୍ଗିରା, ବଶିଷ୍ଠ, ମରୀଚି, ଭୃଗୁ, ଦକ୍ଷ, ନାରଦ, ସନକ, ସନନ୍ଦନ, ସନାତନ ଓ ସନତ କୁମାର ବ୍ରହ୍ମାଙ୍କ ମାନସ ପୁତ୍ର । ମହର୍ଷି ବିଶ୍ରବା ଋଷି ପୌଲସ୍ତ୍ୟଙ୍କ ପତ୍ନୀ ହବିର୍ଭୁବା ଗର୍ଭସମ୍ଭୂତ । ବିଶ୍ରବାଙ୍କ ଦୁଇ ପତ୍ନୀ । ଦେବଙ୍ଗନା ଓ କେକଶୀ । ଯକ୍ଷରାଜ କୁବେର ପ୍ରଥମ ପତ୍ନୀ ଦେବଙ୍ଗନା ଓ ରାକ୍ଷସରାଜ ରାବଣ ଦ୍ୱିତୀୟ ପତ୍ନୀ ରାକ୍ଷସୀ କେକଶୀ ଠାରୁ ଜନ୍ମିତ । କୁବେର ଓ ରାବଣ ଭାଇ ଭାଇ । ପରମ ପିତା ବ୍ରହ୍ମଦେବଙ୍କ ପପୌତ୍ର ।

ରାବଣ ଥିଲା ଦୁର୍ଦ୍ଦାନ୍ତ । ବଳପୂର୍ବକ ହାତେଇଥିଲା ସିଂହାସନ । ନିଜେ ନିଜକୁ ଘୋଷଣା କରିଥିଲା ଲଙ୍କାପତି । ଆତ୍ମଘୋଷିତ ରାଜା । ଛଳରେ ମାତା ସୀତାଙ୍କୁ ହରି ଅଯଥା ଆମନ୍ତ୍ରଣ କରିଥିଲା ଭୀଷଣ ଯୁଦ୍ଧ । ହରେଇଥିଲା ସର୍ବସ୍ୱ । ରାକ୍ଷସ କୁଳ । ବୀର ଯୋଦ୍ଧା । ଜ୍ଞାତି ଭାଇ କୁଟୁମ୍ବ । ପୁତ୍ର ମେଘନାଦ ଓ ଭାଇ କୁମ୍ଭକର୍ଣ୍ଣର ମୃତ୍ୟୁ ପରେ ପଡିଥିଲା ଏକଦମ ଏକଲା । ତଥାପି ତୁଟି ନ ଥିଲା ଅହଙ୍କାର । ବିରୁପାକ୍ଷ, ମହୋଦର ଏବଂ ମହାପାର୍ଶ୍ୱକୁ ନେଇ ରଣାଙ୍ଗନରେ ଅବତୀର୍ଣ୍ଣ ହେଲା । ପ୍ରଭୁ ରାମଚନ୍ଦ୍ରଙ୍କ ସହ ଯୁଦ୍ଧ କରିବାକୁ । ସୀତା ପ୍ରାପ୍ତିର ଦୁର୍ବାର ଲାଳସା ପ୍ରଶମିତ ସକାଶେ । ରାବଣ କେବଳ ପ୍ରବଳ ପରାକ୍ରମୀ ଓ ପ୍ରଖର ଯୋଦ୍ଧା ନ ଥିଲା । ସେ ଥିଲା ବିଦ୍ୱାନ । ବେଦଜ୍ଞାତା, ବ୍ରାହ୍ମଣ. ଭାରତୀୟ ଦର୍ଶନ ଶାସ୍ତ୍ରରେ ତାର ଥିଲା ଅଗାଧ ପାଣ୍ଡିତ୍ୟ । ଶିବ ତାଣ୍ଡବ ସ୍ତୋତ୍ର, ରାବଣ ସଂହିତା, ଅନେକାର୍ଥ ମଞ୍ଜରୀ, ଅର୍କ ପ୍ରକାଶ ଆଦି ଅନେକ ଗ୍ରନ୍ଥର ରଚୟିତା । ରାଜନୀତି, ଚିକିତ୍ସା, ସଂସ୍କୃତ ବ୍ୟାକରଣ ଓ ସାହିତ୍ୟରେ ତାର ବିଶେଷ ଜ୍ଞାନ । କଠିନ ତପସ୍ୟା ବଳରେ ପାଶୁପତାସ୍ତ୍ର, ବ୍ରହ୍ମାସ୍ତ୍ର, ବାୟବାସ୍ତ୍ର, ରୁଦ୍ରାସ୍ତ୍ର, ଅଗ୍ନ୍ୟାସ୍ତ୍ର, ଗରୁଡାସ୍ତ୍ର, ତମସାସ୍ତ୍ର, ଗାନ୍ଧର୍ବାସ୍ତ୍ର, ଓ ଚନ୍ଦ୍ରହାସ ଭଳି ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ଉପଯୋଗ କରିବାର ଅବସର ପ୍ରାପ୍ତ ହୋଇଥିଲା । ପ୍ରଭୁ ରାମଚନ୍ଦ୍ର ଓ ମାୟାବୀ ଶକ୍ତିସମ୍ପନ୍ନ ରାବଣ ମଧ୍ୟରେ ଆଠ ଦିନ ଧରି ଭୟଙ୍କର ଯୁଦ୍ଧ ହୋଇଥିଲା । ବିରୁପାକ୍ଷ, ମହୋଦର ଓ ମହାପାର୍ଶ୍ୱ ସୁଗ୍ରୀବ ଓ ଅଙ୍ଗଦ ହାତରେ ମରିଥିଲେ । ଅନ୍ୟାୟର ଅନ୍ତ ପାଇଁ ଶ୍ରୀରାମଚନ୍ଦ୍ରଙ୍କୁ ବ୍ରହ୍ମାସ୍ତ୍ର ପ୍ରୟୋଗ କରିବାକୁ ପଡିଥିଲା । ଅପିତୁ ବ୍ରହ୍ମାସ୍ତ୍ର ମଧ ବିଫଳ ହୋଇଥିଲା । କାଟୁ କରି ନ ଥିଲା । ଶରୀରରୁ ଶିର ଛିନ୍ନ ହେଉହେଉ ପୁନଃ ଯୋଡି ହୋଇ ଯାଉଥିଲା । ବିଭୀଷଣଙ୍କ ପରାମର୍ଶ ଅନୁସାରେ ରାବଣର ନାଭିଦେଶରେ ବ୍ରହ୍ମାସ୍ତ୍ର ବାଜନ୍ତେ ସେ ଭୂପତିତ ହୋଇଥିଲା । ଜୀବନର ଅନ୍ତିମ ଘଡିର ଉପସ୍ଥିତି ଅନୁଭବ କରିଥିଲା । ତା ନାଭିରେ ସ୍ୱୟଂ ବ୍ରହ୍ମାଙ୍କ ଦ୍ୱାରା ସ୍ଥାପିତ ଅମୃତ ତାଙ୍କରି ଅସ୍ତ୍ରରେ ସମାପ୍ତ ହୋଇ ସାରିଥିଲା । ବ୍ରହ୍ମାଙ୍କ ବରରେ ବଳୀୟାନ ରାବଣ ବିବଶ ସଦୃଶ ଏକଲୟରେ ନିରେଖୁ ଥିଲା ବ୍ରହ୍ମାଣ୍ଡ ପତିଙ୍କୁ ଯୋଡହସ୍ତ କରି । ଆଜ୍ଞାକାରୀ ଅନୁଜ ଲକ୍ଷ୍ମଣ ଅଗ୍ରସର ହେଲେ ମହାଜ୍ଞାନୀ ରାବଣ ନିକଟକୁ ଜୀବନର କିଛିଟା ମୂଲ୍ୟବାନ ମନ୍ତ୍ର ଦୀକ୍ଷା ପାଇଁ ବିପ୍ରପ୍ରିୟ ରଘୁକୁଳତିଳକ ରଘୁପତି ରାଘବଙ୍କ ନିର୍ଦ୍ଦେଶରେ । ମୁମୂର୍ଷୁ ରାବଣ ନିଜର ଅପୂର୍ଣ୍ଣ ଇଚ୍ଛା ଓ ଦୁର୍ବଳତା ଉଜାଗର କରିବା ସହିତ କେବେ କାହା ସଙ୍ଗେ ଶତ୍ରୁତା ନ କରିବା ଏବଂ ବ୍ୟକ୍ତିଗତ ଗୋପନୀୟତା ପ୍ରକାଶ ନ କରିବାକୁ ପରାମର୍ଶ ଦେଇଥିଲା । ସିଏ ସହୋଦର ହେଉ ଅବା ସାରଥୀ । ଅମରତ୍ୱ ପ୍ରାପ୍ତି, ସମ୍ପୂର୍ଣ୍ଣ ଦୁନିଆ ଉପରେ ବିଜୟ, ସୁନାରେ ସୁଗନ୍ଧ ଭର୍ତ୍ତି, ସ୍ୱର୍ଗକୁ ସିଢ଼ି, ଲବଣାକ୍ତ ସମୁଦ୍ର ପାଣିକୁ ସୁମଧୁର, ରକ୍ତର ରଙ୍ଗ ଶ୍ୱେତ ଏବଂ ମଦକୁ ଗନ୍ଧହୀନ କରିବା ଥିଲା ତାର ସ୍ୱପ୍ନ । ଯାହା ସେ ତା ଜୀବଦ୍ଦଶାରେ କରିପାରି ନ ଥିଲା । ତେଣୁ ସେ ଶୁଭସ୍ୟ ଶୀଘ୍ରଂ ଗୁରୁ ମନ୍ତ୍ର ପ୍ରଦାନ କରିଥିଲା । ନିଜକୁ ଈଶ୍ୱର ମାନିବା, ନିଜର ବଳ ଓ ଜ୍ଞାନର ଅହମିକାରେ ଭ୍ରମିତ ହେବା ଓ ଈଶ୍ୱରୀୟ ନିୟମର ପରିବର୍ତ୍ତନ କରିବାର ଦୁଃସାହସ ଥିଲା ତାର ଦୁର୍ବଳତା । ଏସବୁରୁ ସର୍ବଦା ଦୂରେଇ ରହିବା ଭଲ । ରାମନାମୀ ବସ୍ତ୍ର ଧାରଣ କରିବା ଥିଲା ରାବଣର ଅନ୍ତିମ ଇଚ୍ଛା । କରୁଣା ନିଧାନ ତାର ମନୋବାଞ୍ଛା ପୂର୍ଣ୍ଣ କରିଥିଲେ । ତିନିଥର ରାମନାମ ଉଚ୍ଚାରଣ କରି ସେ ଆଖି ବୁଜିଲା । ରାମେଶ୍ୱରମ ଠାରେ ପ୍ରଭୁ ରାମଚନ୍ଦ୍ର ବ୍ରହ୍ମହତ୍ୟା ଦୋଷର ପ୍ରାୟଶ୍ଚିତ୍ତ ପାଇଁ ଶିବଲିଙ୍ଗ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ ।

ବାସ୍ତବରେ ରାବଣର ଏହା ପ୍ରଥମ ପରାଜୟ ନ ଥିଲା । ପୂର୍ବରୁ ସେ ଭଗବାନ ଶିବ, ରାଜା ବଳୀ, କିଷ୍କିନ୍ଧ୍ୟାଧିପତି ବାଳୀ ଓ ସହସ୍ରବାହୁ ଅର୍ଜୁନ ଠାରୁ ଚାରି ଚାରି ଥର ପରାଜିତ ହୋଇଥିଲା । ରଘୁବଂଶୀ ରାଜା ଅନରଣ୍ୟଙ୍କ ସହ ରାବଣ ବିନା କାରଣରେ ଯୁଦ୍ଧ କରି ପରାସ୍ତ କରିଥିଲା । ନଳକୁବେର କୁବେରଙ୍କ ପୁତ୍ର । ତାଙ୍କ ପତ୍ନୀ ଅପସରା ରମ୍ଭା । ନ୍ୟାୟତଃ ସେ ରାବଣର ପୁତ୍ରବଧୂ ସଦୃଶ । କିନ୍ତୁ କାମାନ୍ଧ ରାବଣ ତାଙ୍କୁ ବଳପୂର୍ବକ ଧର୍ଷଣ କରିଥିଲା । ନିଜର ଧର୍ମପତ୍ନୀ ମନ୍ଦୋଦରୀଙ୍କ ବଡ଼ ଭଉଣୀଙ୍କ ସହ ଦୁରାଚାର କରିଥିଲା । ବିଷ୍ଣୁଭକ୍ତିରେ ଲୀନ ଦେବଗୁରୁ ବୃହସ୍ପତିଙ୍କର ପୁତ୍ର କୁଶଧ୍ୱଜଙ୍କ କନ୍ୟା ବେଦମତୀଙ୍କ ତପ ଭଙ୍ଗ କରି ପ୍ରେମ ନିବେଦନ କରିବାରୁ ସେ ଅଗ୍ନିରେ ଝାସ ଦେଇ ପ୍ରାଣ ତ୍ୟାଗିଥିଲେ । ଭଗବାନ ଶିବଙ୍କ ଦ୍ୱାରପାଳ ନନ୍ଦିଙ୍କ ବାନର ମୁଖ ଦେଖି ବିଦ୍ରୁପ କରିଥିଲା ଦଶାନନ । ଜଣେ ରଘୁବଂଶୀ ରାଜାଙ୍କ ହାତରେ ତାର ମୃତ୍ୟୁ ହେବ କହି ରାବଣକୁ ଅଭିଶାପ ଦେଇଥିଲେ ଅନରଣ୍ୟ । କାମ ବାସନାର ବଶବର୍ତ୍ତୀ ହୋଇ ପର ସ୍ତ୍ରୀଙ୍କ ଉପରେ ଲୋଳୁପ ଦୃଷ୍ଟି ଓ ଦୁରାଚାର ଯୋଗୁଁ ଜଣେ ନାରୀ ତାର ମୃତ୍ୟୁର କାରଣ ହେବ ବୋଲି ତାକୁ ଅଭିଶାପ ମିଳିଥିଲା । ବାନର ସେନା ଦ୍ୱାରା ରାବଣର ପରାଜୟ ଥିଲା ଦେବାଧିଦେବ ମହାଦେବ ଭକ୍ତ ନନ୍ଦି ମହାରାଜଙ୍କ ଅଭିଶାପ ।

ଏକଦା ରାବଣ ଥିଲା ଭଗବାନ ବିଷ୍ଣୁଙ୍କ ଦ୍ୱାରପାଳ । ସନକାଦି ଚାରି ଚିର କୁମାର ବିନା ବାଧାରେ ବୈକୁଣ୍ଠକୁ ଯିବା ଆସିବା କରନ୍ତି । ବିଷ୍ଣୁଙ୍କ ସାକ୍ଷାତ ପାଇଁ ତାଙ୍କୁ ସ୍ୱୟଂ ବିଷ୍ଣୁଙ୍କ ଅନୁମତି ମଧ ଅନାବଶ୍ୟକ । ରାବଣର ତତ୍କାଳୀନ ନାମ ଥିଲା ଜୟ । ବିଜୟ ତାର କନିଷ୍ଠ । ସିଏ ମଧ ଦ୍ୱାରପାଳ । ଅଜ୍ଞାନ ଓ ଅଜ୍ଞତା ବଶତଃ ଜୟ ବିଜୟ ସନକାଦି ଋଷିଙ୍କ ପଥାବରୋଧ କରନ୍ତି । ବିଷ୍ଣୁଙ୍କ ଆଦେଶ ବିନା ତାଙ୍କର ବୈକୁଣ୍ଠ ପ୍ରବେଶ ବାରଣ କରନ୍ତି । ଛୋଟ ପିଲା ଭାବି ତାଙ୍କୁ ପରିହାସ କରନ୍ତି ଓ ଶାପିତ ହୁଅନ୍ତି । ଜୟ ସତ୍ୟରେ ହିରଣ୍ୟକଶ୍ୟପ, ତ୍ରେତୟାରେ ରାବଣ ଓ ଦ୍ୱାପରରେ ଶିଶୁପାଳ ରୂପେ ଜନ୍ମ ନିଏ । ଯଥାକ୍ରମେ ବିଷ୍ଣୁବତାର ନୃସିଂହ, ରାମଚନ୍ଦ୍ର ଓ ଶ୍ରୀକୃଷ୍ଣଙ୍କ ଶ୍ରୀହସ୍ତରେ ନିହତ ହୁଏ । ରାକ୍ଷସ କୁଳରେ ଜନ୍ମ ହେଲେ ମଧ ରାବଣ ଥିଲା ତତ୍ତ୍ୱଦର୍ଶୀ । ଭବିଷ୍ୟତ ଜ୍ଞାତା । ଶ୍ରୀରାମଙ୍କୁ ପରାଜିତ କରିବା ଅସମ୍ଭବ ଜାଣି ସୁଦ୍ଧା ଯୁଦ୍ଧରୁ ବିମୁଖ ନ ହୋଇ ସେ ସାହସର ପରିଚୟ ଦିଏ ।

କିମ୍ବଦନ୍ତୀ କୁହେ, ରାମ ଏବଂ ରାବଣ ମଧ୍ୟରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷ ତୃତୀୟାରୁ ଯୁଦ୍ଧ ଆରମ୍ଭ ହୋଇଥିଲା । ଆଠ ଦିନର ଘନଘୋର ଯୁଦ୍ଧର ପରିସମାପ୍ତି ଘଟିଥିଲା ଦଶମୀ ଦିନ । ରାମାୟଣ ସତ୍ୟ ଘଟଣା ଆଧାରିତ ହେଉ କିମ୍ବା କଳ୍ପନା, ଏହା ନିଶ୍ଚିତ ନୀତିଶିକ୍ଷା ପର୍ଯ୍ୟବେସିତ । ଏହି ମହାକାବ୍ୟର ପ୍ରତ୍ୟେକ ପାତ୍ର ମହତ୍ତ୍ୱପୂର୍ଣ୍ଣ । ସେ ନାୟକ ହେଉ କିମ୍ବା ନାୟିକା । ଖଳନାୟକ ହେଉ କିମ୍ବା ଖଳନାୟିକା । ରାମାୟଣ ପାଠ, ବୋଧ ଏବଂ ବ୍ୟବହାର ପାରିବାରିକ ଓ ସାମାଜିକ ସମୃଦ୍ଧି ଆଣେ । ନକାରାତ୍ମକ ରାବଣ ଚରିତ୍ରରେ ସକାରାତ୍ମକତା ଖୋଜିବା ସମସ୍ତଙ୍କ ଧ୍ୟେୟ ହେବା ବିଧେୟ । ବାଲ୍ମୀକି ବିରଚିତ ରାମାୟଣରେ ରାବଣର ଅପଗୁଣ ଓ ସଦଗୁଣ ଉଭୟର ବର୍ଣ୍ଣନ ପରିଲକ୍ଷିତ ହୁଏ ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର

# ତାମସିକ ତପ

ସତ୍କାର, ମାନ ଓ ପୂଜା ପାଇବା ପାଇଁ ତଥା ଦେଖାଣିଆ ଭାବରେ ଯେଉଁ ତପ କରାଯାଏ, ତାହା ଏହି ଲୋକରେ ଅନିଶ୍ଚିତ ଓ ନାଶବାନ୍ ଫଳ ପ୍ରଦାନକାରୀ ରାଜସିକ ତପ ହୋଇଥାଏ । ଏପରି ବ୍ୟକ୍ତି ମଧ୍ୟରେ ଦମ୍ଭ ଓ ଅହଂକାର ତା' ବ୍ୟକ୍ତିତ୍ୱର କେନ୍ଦ୍ରବିନ୍ଦୁ ହୋଇଥାଏ । ସେ କୌଣସି କାର୍ଯ୍ୟକୁ କରିବା ପଛରେ ତା' ବ୍ୟକ୍ତିତ୍ୱର କେନ୍ଦ୍ରରେ ଦମ୍ଭ ଓ ଅହଂକାର ଥାଏ ଏବଂ ସେଥିପାଇଁ ତା' ପାଇଁ ତପ ବି ଅହଂକାର ପ୍ରଦର୍ଶନର ମାଧ୍ୟମ ହୋଇଥାଏ । ଏପରି ବ୍ୟକ୍ତି ଯଦି କୌଣସି ତପ କରେ, ତେବେ ତାହା ସେ ଲୋକଙ୍କ ସତ୍କାର ଓ ମାନ ପ୍ରାପ୍ତିର କେନ୍ଦ୍ର ହେବା ପାଇଁ କରିଥାଏ । ଏପରି ବ୍ୟକ୍ତି ତପ କେବଳ ଦେଖାଣିଆ ଭାବରେ ବା ଆଡ଼ମ୍ବର ଉଦ୍ଦେଶ୍ୟରେ କରିଥାଏ । ଦମ୍ଭ କରିବା, ଗର୍ବ କରିବା, ଅଭିମାନ କରିବା, କ୍ରୋଧ କରିବା, କଠୋର ହେବା, ଅବିବେକୀ ହେବା– ଏସବୁ ଆସୁରୀ ସମ୍ପଦକୁ ପ୍ରାପ୍ତ ହୋଇଥିବା ବ୍ୟକ୍ତିତ୍ୱର ଲକ୍ଷଣ । ସମ୍ମାନ, ବଡ଼ପଣିଆ, ପ୍ରତିଷ୍ଠା ଆଦି ପ୍ରାପ୍ତ କରିବା ପାଇଁ ନିଜର ସ୍ଥିତି ନ ଥିଲେ ମଧ ସେପରି ସ୍ଥିତିର ପ୍ରଦର୍ଶନ କରିବା ଦମ୍ଭ ଅଟେ । ଲୋକେ ସଦ୍‌ଗୁଣଗୁଡ଼ିକୁ ନେଇ ବିଦଗ୍ଧ ହୋଇ ପାରନ୍ତି । ନିଜକୁ ଧର୍ମାତ୍ମା, ସାଧକ, ଗୁଣବାନ୍ ଆଦି ପ୍ରକଟ କରିବା ବା ନିଜ ମଧ୍ୟରେ ଶ୍ରେଷ୍ଠ ଗୁଣଗୁଡ଼ିକୁ ନେଇ ସେପରି ଆଚରଣ ଦେଖାଇବା, ଏସବୁ ସଦ୍‌ଗୁଣଗୁଡ଼ିକୁ ନେଇ କରାଯାଇଥିବା ଦମ୍ଭ ଅଟେ ।

ଏପରି ତପ ରାଜସୀ ହୋଇଥାଏ ଏବଂ ତାହାର ପରିଣାମ ଅନିଶ୍ଚିତ ହୋଇଥାଏ । ଏହାର କାରଣ ବ୍ୟକ୍ତିର ତପର ପରିଣାମ ତ ମିଳିଥାଏ, ଯେହେତୁ ତାହା ତା'ର କର୍ମ, କିନ୍ତୁ ତାହାର ପରିଣାମରେ, ଅନ୍ତତଃ ତାକୁ ବିନାଶ ହିଁ ମିଳିଥାଏ । ଯେପରି ରାବଣ ତପ କଲା ତ ବରଦାନ ପାଇଲା; କାରଣ ତାହା ତା' ତପର ଫଳ, କିନ୍ତୁ ତା'ର ରାଜସିକ ପ୍ରବୃତ୍ତି ସେହି ତପର ପରିଣାମ ସ୍ୱରୂପ ତାକୁ ବିନାଶର ମାର୍ଗରେ ନେଇଗଲା ।

ଯେଉଁ ତପ ମୂଢ଼ତାପୂର୍ବକ ଜିଦିରେ ନିଜକୁ ପୀଡ଼ା ଦେଇ ଅଥବା ଅନ୍ୟମାନଙ୍କୁ କଷ୍ଟ ଦେବା ପାଇଁ କରାଯାଏ, ତାହା ତାମସିକ ତପ କୁହାଯାଏ ।

ସାତ୍ତ୍ୱିକ ତପର ଆଧାର ହେଉଛି ନିଷ୍କାମତା ଓ ନିରହଂକାରିତା । ଯେଉଁ ତପରେ ଫଳର ଆକାଂକ୍ଷା ନ ଥିବ, ବ୍ୟକ୍ତିତ୍ୱର କେନ୍ଦ୍ରରେ ଶ୍ରଦ୍ଧା, ସମର୍ପଣ ଓ ନିଷ୍ଠା ଥିବ, ସେହି ତପ ସାତ୍ତ୍ୱିକ । ଯେଉଁଠି ଫଳର କାମନା ଥିବ, ବ୍ୟକ୍ତିତ୍ୱର କେନ୍ଦ୍ରରେ ଦମ୍ଭ ଓ ଅହଂକାର ଥିବ, ସେହି ତପ ରାଜସିକ ହୋଇଥାଏ ।

ମୂଢ଼ତାପୂର୍ବକ ନିଜକୁ ପୀଡ଼ା ଦେବାରେ ବା ଅନ୍ୟକୁ କଷ୍ଟ ଦେବାରେ ସଂଲଗ୍ନ ବ୍ୟକ୍ତିର ତପ ତାମସିକ ହୋଇଥାଏ ।

ଧ୍ୟାନପୂର୍ବକ ଦେଖିଲେ ଅନେକ ଲୋକ ଏହି ସ୍ୱପୀଡ଼ାକୁ ତପ ମାନି ବସିଯାଆନ୍ତି । ନିଜ ଅହଂକାରର ମଦରେ, ମୂଢ଼ତାର ଭାବରେ ନିମଗ୍ନ ହୋଇ, କିଛି ଲୋକ ନିଜକୁ କଷ୍ଟ ଦେବାର ପରାକାଷ୍ଠାରେ ପହଞ୍ଚି ଯାଆନ୍ତି । କେତେକ କଣ୍ଟାରେ ଶୋଇଯାଆନ୍ତି, କେତେକ ନିଜ ଶରୀରକୁ ତୀକ୍ଷ୍ଣ ଶସ୍ତ୍ରଗୁଡ଼ିକ ଦ୍ୱାରା ଛିଦ୍ର କରିବାରେ ଲାଗିଯାଆନ୍ତି । ସେମାନେ ଭାବନ୍ତି ଯେ ସେମାନେ ଏମିତି କିଛି କରୁଛନ୍ତି, ଯାହା ଅନ୍ୟ କେହି କରି ପାରିବେ ନାହିଁ । ଏହା ମୂଢ଼ତା ବ୍ୟତୀତ ଅନ୍ୟ କିଛି ନୁହେଁ ।

ଏପରି କରିବା ପଛରେ ସେମାନଙ୍କର ଚିନ୍ତନ ସ୍ପଷ୍ଟ । ରାଜସୀ ତପ କରୁଥିବା ବ୍ୟକ୍ତିକୁ ଅତି କମ୍‌ରେ ପ୍ରତିଷ୍ଠା – ସତ୍କାର ତ ମିଳିଥାଏ, ଅନିଶ୍ଚିତ ହେଲେ ମଧ ଫଳ ମିଳିଥାଏ – ଏହି ମୂଢ଼ତାରେ ବ୍ୟକ୍ତି କେବଳ ରାସ୍ତା ଉପରେ ହେଉଥିବା ତାମସାରେ ବଦଳିଯାଏ ।

ଏପରି ବ୍ୟକ୍ତି ଜିଦିଆ ଓ ହଠ ସ୍ୱଭାବର ହୋଇଥାନ୍ତି । ସେମାନେ ଯାହା କରୁଛନ୍ତି, ତାହା ମୂଢ଼ତା ବୋଲି ସେମାନେ ଅନୁଭବ କଲେ ମଧ ନିଜର ଜିଦିକୁ ଜୀବନ୍ତ ରଖିବା ପାଇଁ ସେମାନେ ଏହା କରିଚାଲନ୍ତି ।

ସେମାନେ ନିଜକୁ କଷ୍ଟ ଦେବାରେ ଓ ଅନ୍ୟମାନଙ୍କୁ କଷ୍ଟ ଦେବାରେ ନିମଗ୍ନ ରହନ୍ତି । ଏପରି ବ୍ୟକ୍ତି ତାମସିକ ତପ କରନ୍ତି । ଏହା ହେଉଛି ସତ୍ତ୍ୱ, ରଜ ଓ ତମ ପ୍ରବୃତ୍ତିର ଲୋକଙ୍କ ମଧ୍ୟରେ ଅନ୍ତର । ଫଳର କାମନା ନ ରଖିବା ସତ୍ତ୍ୱର ଲକ୍ଷଣ । କାରଣ ସେମାନେ ଜାଣନ୍ତି ଯେ କାମନା ଅଶାନ୍ତିର ଗଡ଼ ।

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

## ଆଜିର ଚିନ୍ତନ

ଦୁର୍ଯ୍ୟୋଧନ କର୍ତ୍ତୃକ ଆୟୋଜିତ କପଟ ପଶା ଖେଳରେ ଯୁଧିଷ୍ଠିର ହାରି ଯାଇଥିଲେ । ସର୍ତ୍ତ ଅନୁଯାୟୀ ଦ୍ରୌପଦୀଙ୍କ ସହ ପାଣ୍ଡବମାନେ ବନବାସରେ ଥାଆନ୍ତି । ବନବାସ କାଳରେ ଏକ ପାହାଡ଼ର ସମତଳ ସ୍ଥାନରେ ବସିଥିବା ସମୟରେ ଧର୍ମରାଜ ଯୁଧିଷ୍ଠିର ତୃଷା ଅନୁଭବ କଲେ । କିଛି ଦୂରରେ ଏକ ଜଳାଶୟ ଥିବା ଲକ୍ଷ୍ୟ କରି ନକୁଳ ଜଳ ଆଣିବାକୁ ଯାଇଥିଲେ । ଜଳାଶୟ ନିକଟରେ ପହଞ୍ଚି ଜଳସଂଗ୍ରହ କରିବା ପୂର୍ବରୁ ନିଜେ ପାଣି ପିଇବା ପାଇଁ ଉଦ୍ୟତ ହେବା ସମୟରେ ହଠାତ କେହି ଜଣେ କହିଥିଲେ- 'ଏହି ଜଳାଶୟର ମାଲିକ ମୁଁ । ଏଥିରୁ ପାଣି ପିଇବା ପୂର୍ବରୁ ପ୍ରଥମେ ମୋର ପ୍ରଶ୍ନର ଉତ୍ତର ଦେବାକୁ ହେବ । ଏହାର ଉଲ୍ଲଂଘନ କଲେ ମୃତ୍ୟୁ ନିଶ୍ଚିତ । ନକୁଳ ଆଶ୍ଚର୍ଯ୍ୟ ହୋଇ ଏଣେ ତେଣେ ଚାହିଁଥିଲେ, ହେଲେ କାହାରିକୁ ଦେଖିବାକୁ ପାଇ ନ ଥିଲେ । ସତର୍କ ବାଣୀକୁ ଉପେକ୍ଷା କରି ନକୁଳ ପାଣି ପିଇବାକୁ ଉଦ୍ୟମ କରନ୍ତେ ସେହିଠାରେ ପଡ଼ି ରହିଥିଲା ତାଙ୍କର ନିଷ୍ପ୍ରାଣ ଶରୀର । ନକୁଳଙ୍କ ଫେରିବାରେ ଅହେତୁକ ବିଳମ୍ବ ହେବାରୁ ତାଙ୍କର ସନ୍ଧାନରେ ଆସି ସହଦେବ, ପରେ ପରେ ମଧ୍ୟମ ପାଣ୍ଡବ ଅର୍ଜୁନ ଓ ଶେଷରେ ବୃକୋଦର ଜଣକ ପରେ ଜଣେ ସମଦଶା ଭୋଗିଥିଲେ । ଚାରିଭାଇ ଜଳ ନେବାକୁ ଆସି କେହି ବି ଫେରି ନଥିଲେ । ଅଘଟଣ ଆଶଙ୍କାରେ ଶେଷରେ ଧର୍ମରାଜ ଯୁଧିଷ୍ଠିର ନିଜେ ସେମାନଙ୍କ ସନ୍ଧାନରେ ଆସିଥିଲେ । ଯୁଧିଷ୍ଠିର ଜଳାଶୟ ନିକଟରେ ପହଞ୍ଚି ଅନୁରୂପ ସତର୍କବାଣୀ ଶୁଣିଥିଲେ- 'ମୋର ପ୍ରଶ୍ନର ଉତ୍ତର ନ ଦେଇ ଜଳପାନ କଲେ ତୁମ ଭାଇମାନଙ୍କ ଦଶା ପ୍ରାପ୍ତ ହେବ । କେଉଁ ମହାତ୍ମା ଏପରି କଠୋର ନିର୍ଦ୍ଦେଶ ଦେଉଛନ୍ତି (ତୃଷା ନିବାରଣ ପାଇଁ ସର୍ତ୍ତ ନ ମାନିଲେ ମୃତ୍ୟୁ ଭଳି କଠୋର ଦଣ୍ଡ) ଯୁଧିଷ୍ଠିର ତାହା ଜାଣିବାକୁ ଏଣେତେଣେ ଅନାନ୍ତେ ଦେଖିଲେ ବୃକ୍ଷଡାଳରେ ବଗଟିଏ ବସିଛି । ଧର୍ମାତ୍ମା ବକ ଉଦ୍ଦେଶ୍ୟରେ କହିଥିଲେ- ପ୍ରଶ୍ନ ପଚାରି ପାରନ୍ତି । ବକର ପ୍ରଶ୍ନ ଥିଲା- 'ଦୁନିଆରେ ସବୁଠାରୁ ଆଶ୍ଚର୍ଯ୍ୟ କ'ଣ ?" ଧର୍ମରାଜଙ୍କ ଉତ୍ତର ଥିଲା- 'ନଶ୍ୱର ସଂସାରରେ ମଣିଷର ଜୀବନ କ୍ଷଣସ୍ଥାୟୀ । ନିତି ମଣିଷ ମରୁଥିବା ସ୍ୱଚକ୍ଷୁରେ ଦେଖୁଥିଲେ ମଧ ଅନନ୍ତକାଳ ବଞ୍ଚି ରହିବାକୁ ତା'ର ଇଚ୍ଛା ଓ ପୁନଃ ପ୍ରଶ୍ନ ଥିଲା- 'ବିପଦରୁ ମଣିଷକୁ କିଏ ରକ୍ଷା କରିଥାଏ ।' 'ସାହସ'- କହିଥିଲେ ଯୁଧିଷ୍ଠିର । 'ପୃଥିବୀ ମାତାଠାରୁ ଅଧିକ ସହ୍ୟଶକ୍ତି କାହାର ଅଛି ?" 'ଜନନୀଙ୍କର' । 'ଆକାଶଠାରୁ କିଏ ଗରୀୟସୀ ..... (ଉଚ୍ଚ)' - ପ୍ରଶ୍ନ କରିଥିଲେ ବକ । ଉତ୍ତର ଥିଲା 'ଜନକ' । ପୁନଃ ବକ ପ୍ରଶ୍ନ କରିଥିଲେ- 'ପବନଠାରୁ ବେଗଗାମୀ କିଏ ?' 'ମଣିଷର, ମନ' । ମଣିଷ ମରିଯିବା ପରେ କ'ଣ ଯାଏ ତା' ସହିତ ? 'ଧର୍ମ' । 'କ'ଣ ତ୍ୟାଗ କଲେ ମନୁଷ୍ୟ ଲୋକପ୍ରିୟତା ହାସଲ କରିଥାଏ ।' 'ଗର୍ବ' । 'କାହାର ବିନାଶରେ ଦୁଃଖର ଶେଷ ହୋଇଥାଏ- ଉତ୍ତର ଥିଲା 'କାମନା' । ବକ ଖୁସି ହୋଇ ଅନୁମତି ଦେଇଥିଲେ ପାଣି ପିଇବାକୁ ।

ବର୍ଷ ୨୯, ସଂଖ୍ୟା - ୨୬, ୨୯ ଜୁନ୍ - ୦୫ ଜୁଲାଇ ୨୦୨୫

# ବନ ବାସ୍ତବତା

ଆମ ବସ୍ତୁବାଦୀ ଜୀବନଶୈଳୀ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛି ଉଦ୍ଭିଦ ଜଗତ ବା ସବୁଜିମା । ପୃଥିବୀରେ ବାର୍ଷିକ ଲୋପ ପାଇବାରେ ଲାଗିଛି ହାରାହାରି ପ୍ରାୟ ଦଶନିୟୁତ ହେକ୍ଟର ଅରଣ୍ୟ । ଏକଥା ସତ୍ୟ ଯେ ସାମାଜିକ ବିକାଶ ପାଇଁ ବୃକ୍ଷ ବଳିପଡ଼ିବା ପ୍ରକ୍ରିୟା ଜାରି ରହିଛି ସଭ୍ୟତା ଆରମ୍ଭରୁ । ଆଦିମ କାଳରେ ମଣିଷ ଯେତେବେଳେ ଧାତୁର ବ୍ୟବହାର ଜାଣି ନଥିଲା ଏବଂ ବୃକ୍ଷଚ୍ଛେଦନ ପାଇଁ ଯନ୍ତ୍ର ତିଆରି କରି ନଥିଲା, ସେତେବେଳେ ସେ ନିଆଁ ସାହାଯ୍ୟରେ ଜଙ୍ଗଲକୁ ପୋଡ଼ି ଆରମ୍ଭ କରିଥିଲା କୃଷିକାର୍ଯ୍ୟ । ସେତେବେଳେ କିନ୍ତୁ ମଣିଷକୁ ଗ୍ରାସ କରି ନ ଥିଲା ଅତ୍ୟଧିକ ଭୋଗଲାଳସା । ଯେତିକି ଆବଶ୍ୟକ, ପ୍ରକୃତିଠାରୁ ସେତିକି ସଂଗ୍ରହ କରି ସେ ବଞ୍ଚୁଥିଲା ଏକ ସୁନ୍ଦର ଓ ସନ୍ତୁଳିତ ପୃଥିବୀରେ । ବିଶେଷ କରି ମାଟିରୁ ବାହାରି ଜଳ ଓ ତାପ ପାଇଁ ଆକାଶ ଆଡ଼କୁ ବିସ୍ତାରିତ ହୋଇଥିବା ବୃକ୍ଷ ଭିତରେ ସେ ଆବିଷ୍କାର କରିଥିଲା ବିଶ୍ୱ ପ୍ରକୃତିର ମୌଳିକ ପ୍ରତ୍ୟୟ ।

ବୃକ୍ଷ ନିଜ ମଥାରେ ରୌଦ୍ର ତାପ ସହେ, ଅଥଚ ଆଶ୍ରିତ ପଥକୁ ପ୍ରଦାନ କରେ ଶୀତଳ ଛାୟା । ଫଳ ପୁଷ୍ପଠାରୁ ଆରମ୍ଭ କରି ଡାଳ, ପତ୍ର ଓ ଛାଲି ଯାଏଁ ବୃକ୍ଷ କେବଳ ଦେଇ ଚାଲେ ପର-ଆପଣାର ଭେଦାଭେଦ ନରଖି । ତା'ର ମୂଳ ଛେଦନ କରୁଥିବା କାଠୁରିଆକୁ ବି ସେ ପ୍ରଦାନ କରେ ଫଳ, ପୁଷ୍ପ ଓ ଛାୟା । ଏପରିକି ଚନ୍ଦନ ତରୁକୁ କର୍ଜନ କରୁଥିବା କୁଠାର ବି ନିଜେ ସୁରଭିତ ହେଇଯାଏ ଚନ୍ଦନ ଗନ୍ଧରେ । ବୃକ୍ଷର ଏହି ସହିଷ୍ଣୁତା ଗୁଣରେ ଅଭିଭୂତ ହୋଇ ଏ ଦେଶର ମୁନିଋଷିମାନେ ଉଚ୍ଚାରଣ କରିଥିଲେ 'ସବୁଜ ବନାନୀ ପ୍ଳାବନ ମନ୍ତ୍ର' । ବୃକ୍ଷକୁ 'ଦେବସଦନ' ବୋଲି ଅଭିହିତ କରି ଉପାସନା କରିଥିଲେ । ଯାହା ଲିପିବଦ୍ଧ ହୋଇ ରହିଛି ଆମ ଶାସ୍ତ୍ରପୁରାଣମାନଙ୍କରେ । ଏହି ଶାସ୍ତ୍ରବାଣୀରେ ଅନୁପ୍ରାଣିତ ହୋଇ ପର୍ଯ୍ୟାପ୍ତ ପରିମାଣର ବୃକ୍ଷରୋପଣ କରୁଥିଲେ ଆମ ପୂର୍ବଜମାନେ । ଏବେ ବିକାଶ ନାମରେ ରାସ୍ତା କଡ଼ରୁ ଯେଉଁ ମହାଦ୍ରୁମ ସବୁକୁ ଡ୍ରୋଜର ଲଗାଇ ଉତ୍ପାଟନ କରାଯାଉଛି, ତା'କୁ ସେମାନେ ଦିନେ ରୋପଣ କରିଥିଲେ ଅତି ଶ୍ରଦ୍ଧା ଓ ଯତ୍ନରେ । ଗାଁ ମୁଣ୍ଡରେ ବର ଓସ୍ତ ଗଛ ଲଗେଇ ପୂଜା କରୁଥିଲେ ଏବଂ ରୌଦ୍ରଦଗ୍ଧ ବୈଶାଖ ମାସରେ ସେ ଗଛମୂଳରେ ପାଣି ଢାଳୁଥିଲେ ଧର୍ମ ଅର୍ଜନ ପାଇଁ । ବୃକ୍ଷ ଦେବତାଙ୍କୁ ପୂଜା ଅର୍ଘ୍ୟ ବାଢ଼ିବାର ସେ ପ୍ରବଣତା ଆଜି ଆଉ କ'ଣ ଆମ ଭିତରେ ଅଛି ?

ମଣିଷର ସ୍ଥିତି, ଉନ୍ନତି ଓ ଆଧାତ୍ମିକତା ସହ ବୃକ୍ଷ ଅଙ୍ଗାଙ୍ଗୀଭାବେ ଜଡ଼ିତ । ପ୍ରାଣ ସଂଚାର ପାଇଁ ପ୍ରଶ୍ୱାସରେ ବାୟୁଠାରୁ ଆରମ୍ଭ କରି ଖାଦ୍ୟ, ବସ୍ତ୍ର ଆଦି ପ୍ରତ୍ୟେକ କ୍ଷେତ୍ରରେ ବୃକ୍ଷର ଅବଦାନ ଅତୁଳନୀୟ । ମଣିଷ ପାଇଁ ବୃକ୍ଷର ସବୁଠାରୁ ବଡ଼ ଅବଦାନ ଅମ୍ଳଜାନ । ଚିକିତ୍ସାଳୟରେ ତିନୋଟି ସିଲିଣ୍ଡରରେ ଥିବା ଅମ୍ଳଜାନ ଜଣେ ବ୍ୟକ୍ତିର ଦୈନିକ ଶ୍ୱାସକ୍ରିୟା ପାଇଁ ଆବଶ୍ୟକ । ଗୋଟିଏ ସିଲିଣ୍ଡରର ବଜାର ମୂଲ୍ୟ ପାଖାପାଖି ଆଠ ଶହ ଟଙ୍କା । ଅର୍ଥାତ୍ ଜଣେ ବ୍ୟକ୍ତି ଦୈନିକ ୨୪୦୦ ଟଙ୍କାର ଅମ୍ଳଜାନ ଗ୍ରହଣ କରେ, ଯାହାକୁ ଉତ୍ପାଦନ କରନ୍ତି ଦୁଇଟି ୩୨ ଫୁଟ ଉଚ୍ଚତା ବିଶିଷ୍ଟ ଗଛ । ଆମେରିକାର କୃଷି ମନ୍ତ୍ରଣାଳୟ ରିପୋର୍ଟ(୨୦୧୫) ଅନୁଯାୟୀ ଏକ ଏକର ପରିମିତ ଭୂମିରେ ଥିବା ବୃକ୍ଷରାଜି ବା ଅରଣ୍ୟ ପାଞ୍ଚଟନ୍ ସବୁଜଗୃହ ବାଷ୍ପ ଅଙ୍ଗାରକାମ୍ଳ ଶୋଷଣ କରେ ଏବଂ ଚାରି ଟନ୍ ଅମ୍ଳଜାନ ନିର୍ଗମନ କରେ, ଯାହା ଅଠର ଜଣ ଲୋକଙ୍କ ଶ୍ୱାସକ୍ରିୟା ପାଇଁ ଯଥେଷ୍ଟ । ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନର ବୃହତ୍ ଉତ୍ସ ହେଉଛି ଅରଣ୍ୟ ।

ପରିବେଶ ବିଜ୍ଞାନୀଙ୍କ ମତରେ ଘଞ୍ଚ ଜଙ୍ଗଲ ଥିବା ଅଞ୍ଚଳର ବାୟୁମଣ୍ଡଳରେ କେବଳ ଅଧିକ ଅମ୍ଳଜାନ ନୁହେଁ, ଏଥି ସହିତ ଥାଏ ବିଭିନ୍ନ ବୃକ୍ଷର ଫୁଲ, ପତ୍ର ଓ କଢ଼ରୁ ଝରୁଥିବା ସୂକ୍ଷ୍ମାତିସୂକ୍ଷ୍ମ ତୈଳ, ମଧୁକଣିକା ଓ ସୁଗନ୍ଧ । ତା'ର ସଂସ୍ପର୍ଶରେ ଆସିବା ଦ୍ୱାରା ସୁଦୃଢ଼ ହୁଏ ଆମ ଶରୀରର ପ୍ରତିରକ୍ଷା ବ୍ୟବସ୍ଥା ଓ ଶାନ୍ତ ହୁଏ ସ୍ନାୟବିକ ଉତ୍ତେଜନା । ଦ୍ରୁତ ଅମ୍ଳଜାନ ସଂଶ୍ଳେଷଣ ଯୋଗୁଁ ଶରୀରର ଯାନ୍ତ୍ରିକ ପ୍ରକ୍ରିୟା ପାଇଁ ମିଳିଯାଏ ଆବଶ୍ୟକ ପୋଷଣ । ଫଳରେ କ୍ରିୟାଶୀଳ ହୋଇ ଉଠନ୍ତି ମରି ମରି ଯାଉଥିବା ମସ୍ତିଷ୍କର କୋଷିକା । ଆମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଏହା ହିଁ ଅରଣ୍ୟର ଏକ ସ୍ୱୟଂକ୍ରିୟ ସୁରକ୍ଷା ବ୍ୟବସ୍ଥା । ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ରିପୋର୍ଟ ଅନୁଯାୟୀ ଦୁନିଆର ପ୍ରାୟ ଏକ ହଜାର ନିୟୁତ ଲୋକ ମାନସିକ ବ୍ୟାଧିର ଶିକାର, ଯାହା ଫଳରେ ଗଭୀର ଭାବେ ପ୍ରଭାବିତ ହେଉଛି ପ୍ରତ୍ୟେକ ଦେଶର ଅର୍ଥନୀତି । ମନସ୍ତତ୍ତ୍ୱବିତଙ୍କ ମତରେ ଏଥିରୁ ମୁକୁଳିବା ପାଇଁ ଆବଶ୍ୟକ ଅରଣ୍ୟ ସ୍ନାନ । ଶ୍ରୀମା କହିଥିଲେ, 'ଏକ ବିଶାଳ ବୃକ୍ଷ ଛାୟାରେ କେହି ଯଦି ଆଶ୍ରୟ ଗ୍ରହଣ କରେ ସେ ମର୍ମେମର୍ମେ ଏହା ଅନୁଭବ କରି ପାରିବ ଯେ ବୃକ୍ଷଟିର ଶାଖାପ୍ରଶାଖା ଆଉ ପ୍ରତ୍ୟେକଟି ପତ୍ରରୁ ଶୀତଳତା ଝରିଆସି ତାକୁ ସ୍ପର୍ଶ କରୁଛି ଏବଂ ତା'ର ଅଶାନ୍ତ ଉତ୍ତପ୍ତ ମନରେ ଭରିଦେଉଛି ଅକଳ୍ପନୀୟ ଶାନ୍ତି । ଏହି କାରଣରୁ ଆମ ମୁନିଋଷିମାନେ ଅରଣ୍ୟରେ ବାସ କରିବାକୁ ପସନ୍ଦ କରୁଥିଲେ ଏବଂ ସେଠାରେ ଦୀର୍ଘାୟୁ ଓ ପ୍ରଜ୍ଞାବାନ ହେବା ସହିତ ସୁସ୍ଥ ଓ ସତେଜ୍ ରହୁଥିଲେ ଶେଷ ପର୍ଯ୍ୟନ୍ତ ।

ସଭ୍ୟତା ଆରମ୍ଭରୁ ଜଙ୍ଗଲ ହୋଇଛି ଖାଦ୍ୟର ପ୍ରଧାନ ଉତ୍ସ । ଏବେ ବି ଜଙ୍ଗଲରେ ଓ ତା'ର ଆଖପାଖରେ ରହୁଥିବା ଲୋକଙ୍କ ଖାଦ୍ୟ ଆବଶ୍ୟକତାର ପଚାଶ ଭାଗ ସଂଗୃହୀତ ହେଉଛି ଜଙ୍ଗଲରୁ । ଜଙ୍ଗଲ କ୍ଷୟ ହେବା ଦ୍ୱାରା ଉଜୁଡ଼ି ଯାଉଛି ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳୀ । ଆମର ଭୁଲିଯିବା ଉଚିତ ନୁହେଁ ଯେ ପଶୁପକ୍ଷୀଙ୍କ ସୁନ୍ଦର ଦୁନିଆକୁ ନଷ୍ଟ କରିଦେବା ଅର୍ଥ ଖାଲି ଜୈବ ବିବଧତାର ଅବକ୍ଷୟ ନୁହେଁ, ଏଥି ସହିତ ଯୋଡ଼ି ହୋଇରହିଛି ମାନବ ସମାଜ ବିଲୁପ୍ତିର ପୂର୍ବାଭାସ । ଅର୍ଥାତ୍ ଜଙ୍ଗଲ କେବଳ ସମ୍ପଦ ନୁହେଁ, ଏହା ଜୀବ ଜଗତର ଜୀବନ ନାଟିକା । ଯେଉଁ ସୂର୍ଯ୍ୟାଲୋକକୁ ଆମେ ଜୀବନର ମୂଳପିଣ୍ଡ ବୋଲି କହୁ, ସେଇ ମୂଳପିଣ୍ଡର ପିଣ୍ଡ ହେଉଛି ସବୁଜିମା । ଅଥଚ ତା'ର ବିନୀତ ଦାନ ପ୍ରତି ଆଉ ପ୍ରକାଶ ପାଉନି ଆମ ଆମାର କୃତଜ୍ଞତା ବୃକ୍ଷ ଛେଦନ କଥା ଭାବିବା ମାତ୍ରେ ପ୍ରାଣରେ ଜାଗିଉଠୁନି ଏକ ଜୀବନ୍ତ ସତ୍ତାକୁ ହତ୍ୟା କରିବାର ଅପରାଧବୋଧ । ସେଥିପାଇଁ ଉପକୂଳ ଲୁଣା ଜଙ୍ଗଲଠାରୁ ପର୍ବତ ଶିଖର ଯାଏଁ ସବୁ ଜଙ୍ଗଲ ଏବେ ଅବକ୍ଷୟମୁଖୀ ।

ଏକ ଆନ୍ତର୍ଜାତିକ ଅଧ୍ୟୟନ ଅନୁଯାୟୀ ଭାରତରେ ଥିବା ବିଭିନ୍ନ ଜଙ୍ଗଲରେ ୧୭ ହଜାର ୫୧୦ କିସମର ଗଛ ଏବେ ବିଲୁପ୍ତ ଅବସ୍ଥାରେ । ତଥ୍ୟ କହେ ଗତ ୫୦ ବର୍ଷ ମଧ୍ୟରେ ସର୍ବାଧିକ ପ୍ରଜାତିର ଗଛ ବିଲୁପ୍ତ ହୋଇଛି ଏବଂ ଏଭଳି ଜଙ୍ଗଲ କ୍ଷୟର ତିନୋଟି ମୁଖ୍ୟ କାରଣ ହେଉଛି । ବାତ୍ୟା, ବନାଗ୍ନି ଓ ବିକାଶ । ପ୍ରକୃତିର ଭାରସାମ୍ୟ ରଖିବାରେ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ କ୍ରିୟାର ଏକ ପ୍ରତିକ୍ରିୟା ତ ସଂସାରର ନିୟମ । ଏଣୁ ଜଙ୍ଗଲ ଲୋପ ପାଇଲେ ପ୍ରକୃତି ଉପରେ ତା'ର ପ୍ରଭାବ ପଡ଼ିବା ସ୍ୱାଭାବିକ । ଅର୍ଥାତ୍ ଜଙ୍ଗଲ କ୍ଷୟ ଜନିତ ପ୍ରତିକ୍ରିୟା ସ୍ୱରୂପ ସନ୍ତୁଳନ ହରାଉଛି ପରିବେଶ, ବଦଳୁଛି ଜଳବାୟୁ । ଘନ ଘନ ସୃଷ୍ଟି ହେଉଛି ପ୍ରାକୃତିକ ବିପର୍ଯ୍ୟୟ । ପରିବେଶ ଉତ୍ତପ୍ତୀକରଣ ଓ ଜଳବାୟୁ ପରିବର୍ତ୍ତନ ଘଟି ଉପକୂଳରେ ସୃଷ୍ଟି ହେଉଛି ବାତ୍ୟା ।

ଓଡ଼ିଶା ପରିପ୍ରେକ୍ଷୀରେ ବିଚାର କଲେ ୧୯୯୯ ମହାବାତ୍ୟା ହେଉ କି ଫନି କିମ୍ବା ଫାଇଲିନ୍ ହେଉ, ସେଥିରେ ଧରାଶାୟୀ ହୋଇଛି ଲକ୍ଷଲକ୍ଷ ଗଛ । ସରକାରୀ ତଥ୍ୟ କହେ କେବଳ ଫାଇଲିନ୍ ବାତ୍ୟାରେ ଉପକୂଳ ଓଡ଼ିଶାରେ ନଷ୍ଟ ହୋଇଛି ଛୋଟବଡ଼ ପ୍ରାୟ ଛବିଶ ଲକ୍ଷ ଗଛ । ୨୦୨୧ ମସିହାରେ ବନାଗ୍ନି ବିଭୀଷିକାକୁ ନେଇ ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା ଓଡ଼ିଶା । ଚଳିତବର୍ଷ ବନାଗ୍ନି ବିଭୀଷିକାରେ ଓଡ଼ିଶା ବି ଥିଲା ସବା ଆଗରେ । 'ଗ୍ଲୋବାଲ ଫରେଷ୍ଟ ୱାଚ' ନାମକ ବିଶ୍ୱସ୍ତରୀୟ ଅନୁଷ୍ଠାନର ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୧୮୦ ବର୍ଗ କିମି ଜଙ୍ଗଲ ଧ୍ୱଂସ ହୋଇ ସାରିଛି ବନାଗ୍ନି ବିଭୀଷିକାରେ ।

ଗତ ଦଶ ବର୍ଷ ମଧ୍ୟରେ ରାଜ୍ୟରୁ ୧ କୋଟି ୮୫ ଲକ୍ଷ ଗଛ କଟାଯାଇଛି କେବଳ ସଡ଼କ ସଂପ୍ରସାରଣ ପାଇଁ । ତା'ର ଭରଣା ପାଇଁ ପର୍ଯ୍ୟାପ୍ତ ଚାରାରୋପଣ ହୋଇଛି ବୋଲି କର୍ତ୍ତୃପକ୍ଷ କହିଥିଲେ ବି ସେଥିରୁ କେତେ ଗଛ ବଞ୍ଚିଚି ତା'ର ହିସାବ ସରକାରଙ୍କ ପାଖରେ ନାହିଁ । କହିବା ବାହୁଲ୍ୟ ଯେ, ମନୁଷ୍ୟ ତିଆରି ଜଙ୍ଗଲ ଅପେକ୍ଷା ପ୍ରାକୃତିକ ଜଙ୍ଗଲ ଜଳବାୟୁ ପରିବର୍ତ୍ତନ ଏବଂ ଜୈବବିବିଧତା କ୍ଷେତ୍ରରେ ଯଥେଷ୍ଟ ଅଧିକ ଉପକାରୀ ଓ କୃତ୍ରିମ ବନୀକରଣର ଆବଶ୍ୟକତା ରହିଛି, କିନ୍ତୁ ପ୍ରାକୃତିକ ଜଙ୍ଗଲର ସୁରକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବିକାଶ ଯୋଜନାବଦ୍ଧ ଭାବରେ ହେବା ଉଚିତ୍ । ରାଜଧାନୀର ବିକାଶ ହୋଇଛି ସତ, ହେଲେ ସେ ସବୁଜିମା କାହିଁ ? ଏକଦା ଆମ୍ବ ଗଛରେ ପରିପୂର୍ଣ୍ଣ ଥିଲା ବୋଲି ତା'କୁ କୁହାଯାଉଥିଲା ଏକାମ୍ର ନଗରୀ । କୁଆଡ଼େ ଗଲା ସେ ବିଶାଳକାୟ ଆମ୍ବଗଛମାନ ? ଜଙ୍ଗଲ ବିଭାଗ କହେ ଗୋଟିଏ ଗଛ କାଟିଲେ ୧୦ ଟି ଗଛ ଲାଗିବ । କିନ୍ତୁ ଗୋଟେ ମହାଦ୍ରୁମ ବଦଳରେ ଯେଉଁ ଗଛ ଲାଗୁଛି ତାହା ଫଳ ପୁଷ୍ପ ଧାରଣ କରିବ କେତେ ବର୍ଷ ପରେ ?

ଏ ସବୁ ସତ୍ତ୍ୱେ ବି ପରିବେଶକୁ ପୁନଃ ସବୁଜିମାରେ ଭରିଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଜଣେ ଜଣେ ସବୁଜ ସୈନିକ ଭାବି ଜଙ୍ଗଲ ସୁରକ୍ଷା ତଥା ଗଛ ଲଗେଇବା ଦିଗରେ ତତ୍ପର ହେବା ଉଚିତ୍ । ଏ କ୍ଷେତ୍ରରେ ପରିବେଶ ବିଜ୍ଞାନୀ ଓ ସାହିତ୍ୟିକଙ୍କର ଭୂମିକା ଅଧିକ । ବିଜ୍ଞାନ ତଥ୍ୟ ଦିଏ ଏବଂ ତା'କୁ ଆଧାର କରି ସାହିତ୍ୟ ସୃଷ୍ଟି କରେ ଆବେଗ । ତେଣୁ ପରିବେଶ ବିଜ୍ଞାନୀମାନେ ଯେଉଁ ତଥ୍ୟ ଓ ସତ୍ୟ ଉଦ୍‌ଘାଟନ କରୁଛନ୍ତି, ସାହିତ୍ୟିକମାନେ ତା'କୁ ହୃଦୟସ୍ପର୍ଶୀ ଭାଷାରେ ପରିବେଷଣ କରିବା ଆବଶ୍ୟକ । ସେମାନେ ମନେରଖିବା ଦରକାର ସାହିତ୍ୟକୁ ଚିତ୍ତାକର୍ଷକ କରିଛି ପ୍ରାକୃତିକ ଶୋଭା । ସବୁଜ ସୁନ୍ଦର ପରିବେଶ ବିନା ମଣିଷ ହୃଦୟରୁ ଝରେନି କବିତାର ଧାରା । ତେଣୁ ସେମାନଙ୍କ ପାଇଁ ଏବେ ଏକ ବଡ଼ ଆହ୍ୱାନ ହୋଇ ଉଭା ହୋଇଛି ପରିବେଶ ସୁରକ୍ଷା । ମାତ୍ର ବିଡ଼ମ୍ବନାର ବିଷୟ ଏବେ ଯେମିତି ଥୋକେ ନକଲି ପରିବେଶବିତ୍ ଗଛ ଲଗେଇବା ଆଳରେ ଫଟୋ ଉଠେଇ ଆତ୍ମପ୍ରଚାର କରୁଛନ୍ତି, ସେମିତି ଦଳେ ତଥାକଥା ସାହିତ୍ୟିକ ମାତିଛନ୍ତି । ସେମାନେ ବୁଝନ୍ତିନି 'ପରିବେଶ ସୁରକ୍ଷାର ତାତ୍ପର୍ଯ୍ୟ । ତେଣୁ ଅସଲ ଦାୟିତ୍ୱ ତାଙ୍କରି କାନ୍ଧରେ ରହିଛି, ଯେଉଁମାନଙ୍କ ଲେଖିବା ପଛରେ ରହିଛି ଜନମଙ୍ଗଳ ଭାବନା ।

# ଈଶ୍ୱରଙ୍କ ଠାରେ ବିଶ୍ୱାସ

## ମହାତ୍ମା ଗାନ୍ଧୀ



ଏହି କଥାଟିକୁ ଅବଶ୍ୟ ଉପଲବ୍ଧି କରିବାକୁ ହେବ ଯେ, ଆମେ ତରତର ହୋଇ ଦଉଡି ଆଦୌ କୌଣସି ସଂସ୍କାର ଆଣି ପାରିବା ନାହିଁ । ଯଦି ଅହିଂସାର ମାର୍ଗରେ ଏହାକୁ ଆଣିବାକୁ ହୁଏ, ତେବେ ଉଭୟ 'ଥିଲାବାଲା' ଓ 'ନଥିଲାବାଲା'ଙ୍କୁ ଶିକ୍ଷା ଦେଇ ହିଁ ତାହା କରାଯାଇ ପାରିବ । ଥିଲାବାଲାଙ୍କୁ ନିର୍ଭର ଦେବାକୁ ପଡିବ ଯେ ସେମାନଙ୍କ ବିରୋଧରେ କଦାପି ବଳପ୍ରୟୋଗ ହେବ ନାହିଁ । 'ନଥିଲାବାଲା'ମାନେ ଶିକ୍ଷାଦ୍ୱାରା ଏହି କଥାଟିକୁ ଜାଣିବେ ଯେ, ସେମାନଙ୍କର ଇଚ୍ଛା ବିରୁଦ୍ଧରେ ସେମାନଙ୍କୁ ପ୍ରକୃତରେ କେହି ଆଦୌ କିଛି କରିବା ଲାଗି କଦାପି ବାଧ କରିପାରିବ ନାହିଁ ଏବଂ ଅହିଂସା ଅର୍ଥାତ୍ ଆପେ ଆପେ କଷ୍ଟବରଣ କରିନେଇ ପାରିବାର କଳାକୁ ଶିକ୍ଷା କରି ସେମାନେ ଅବଶ୍ୟ ଆପଣାର ସ୍ୱାଧୀନତାକୁ ହାସଲ କରିପାରିବେ ।

ଯଦି ସମ୍ମୁଖରେ ରହିଥିବା ଲକ୍ଷ୍ୟଟିକୁ ହାସଲ କରିବାକୁ ହୁଏ ତେବେ ମୁଁ ସଂକ୍ଷେପରେ ଯେଉଁ ପ୍ରଶିକ୍ଷଣ ବିଷୟରେ କହିଛି, ତାହାକୁ ବର୍ତ୍ତମାନଠାରୁ ଆରମ୍ଭ କରିବାକୁ ହେବ । ସର୍ବପ୍ରଥମ ପଦକ୍ଷେପରୂପେ ପାରସ୍ପରିକ ସମ୍ମାନ ଏବଂ ବିଶ୍ୱାସର ଏକ ବାତାବରଣ ପ୍ରତିଷ୍ଠା କରିବାକୁ ପଡ଼ିବ । ତେବେ ଉଚ୍ଚତରବର୍ଗ ଏବଂ ସାଧାରଣ ଜନଗଣଙ୍କ ମଧ୍ୟରେ କୌଣସି ହିଂସାତ୍ମକ ଦ୍ୱନ୍ଦ୍ୱ ଘଟିବାର ଅବକାଶ ରହିବ ନାହିଁ ।

ସାମ୍ୟବାଦରେ ସତ୍ୟ ଓ ଅହିଂସା ଅବତାର ଗ୍ରହଣ କରିବେ । ସେମାନେ ଅବତୀର୍ଣ୍ଣ ହୋଇ ପାରିବା ଲାଗି ତା'ର ଅନୁଗାମୀଙ୍କୁ ଈଶ୍ୱରଙ୍କ ଠାରେ ଏକ ସଚଳ ବଶ୍ୱାସ ରଖିବାକୁ ପଡ଼ିବ । ସତ୍ୟ ଏବଂ ଅହିଂସା ପ୍ରତି ଯଦି କେବଳ ଯନ୍ତ୍ରବତ୍ ଆନୁଗତ୍ୟ ରହିଥାଏ, ତେବେ ତାହା ଅସଲ ମୁହୂର୍ତ୍ତଟିରେ ଭୁଶୁଡି ହିଁ ପଡ଼ିବ । ସେଇଥି ପାଇଁ ମୁଁ ସତ୍ୟ ହିଁ ଭଗବାନ ବୋଲି କହିଛି । ଏହି ଈଶ୍ୱର ହେଉଛନ୍ତି ଏକ ଜୀବନ୍ତ ଶକ୍ତି । ଆମ ଜୀବନ ସେହି ଶକ୍ତି ଦ୍ୱାରା ଗଢ଼ା ହୋଇଛି । ସେହି ଶକ୍ତି ହିଁ ଏହି ଶରୀର ଭିତରେ ହିଁ ରହିଛି, ମାତ୍ର ସେଥିଲାଗି ତାହାକୁ କଦାପି ଶରୀର ବୋଲି କୁହାଯିବ ନାହିଁ । ଯେଉଁ ବ୍ୟକ୍ତି ସେହି ମହାନ୍ ଶକ୍ତିର ଅସ୍ତିତ୍ୱକୁ ଅସ୍ୱୀକାର କରେ, ସିଏ ନିଜକୁ ସେହି ଅକ୍ଷୟ ଶକ୍ତିଦ୍ୱାରା ଉପକୃତ ହେବାରୁ ହିଁ ବଞ୍ଚିତ କରେ ଏବଂ ତେଣୁ ଶକ୍ତିହୀନ ହୋଇ ରହିଥାଏ । ସିଏ ସତେ ଅବା ଏକ ଆହୁଲା ନ ଥିବା ପୋତରେ ବସି ଭାସିଯିବାରେ ଲାଗିଥାଏ, ଯାହାକି ଇତସ୍ତତଃ ଆନ୍ଦୋଳିତ ହୋଇ ଆଦୌ କୌଣସି ଅଗ୍ରଗତି ନ କରି ବିନାଶକୁ ପ୍ରାପ୍ତ ହୁଏ । ଏଭଳି ବ୍ୟକ୍ତିମାନଙ୍କର ସାମ୍ୟବାଦ ସେମାନଙ୍କୁ ଆଦୌ କେଉଁଠାକୁ ହେଲେ ନେଇ ପାରିବେ ନାହିଁ । ସେମାନେ ଯେଉଁ ସମାଜରେ ବାସ କରୁଥାନ୍ତି, ସେଇଟିକୁ ମଧ କେଉଁଠାରେ ନେଇ ପହଞ୍ଚାଇବା ତ ଆହୁରି ଦୂରର କଥା ।

ଯଦି ପ୍ରକୃତ ଘଟଣା ଏହା ହିଁ ହୋଇଥାଏ, ତେବେ କୌଣସି ସମାଜବାଦୀ ଈଶ୍ୱରଙ୍କୁ ବିଶ୍ୱାସ କରେ ନାହିଁ ବୋଲି କୁହାଯିବ କି ? ଯଦି ସେଭଳି କେହି ବ୍ୟକ୍ତି ରହିଥାନ୍ତି, ତେବେ ସେମାନେ ଆଖିରେ ଦୃଶ୍ୟ ହେଲାଭଳି କୌଣସି ଅଗ୍ରଗତି କାହିଁକି କରି ନାହାନ୍ତି ? ତେଣୁ, ଅନେକ ଦେବତୁଲ୍ୟ ବ୍ୟକ୍ତି ଏହା ପୂର୍ବରୁ ମଧ ପୃଥିବୀକୁ ଆସିଛନ୍ତି, ସେମାନେ ଏକ ସମାଜବାଦୀ ରାଷ୍ଟ୍ର ସ୍ଥାପନ କରିବାରେ କାହିଁକି ସଫଳ ହୋଇ ନାହାନ୍ତି ?

ଏହି ଦୁଇଟିଯାକ ସଂଶୟକୁ ସଂପୂର୍ଣ୍ଣରୂପେ ଦୂର କରିଦେବା ଏକ କଷ୍ଟକର କଥା ହେବ । ତଥାପି ଏପରି ଅବଶ୍ୟ କୁହାଯାଇ ପାରିବ ଯେ, ସମ୍ଭବତଃ ଜଣେ ଈଶ୍ୱରବିଶ୍ୱାସୀ ସମାଜବାଦୀର ମନରେ ଏହି କଥାଟି କେବେ ଆସି ନାହିଁଯେ ତାର ସମାଜବାଦ ଏବଂ ଈଶ୍ୱରଙ୍କ ଠାରେ ରହିଥିବା ତା'ର ବିଶ୍ୱାସ ମଧରେ ଆଦୌ କୌଣସି ସମ୍ବନ୍ଧ ରହିଛି । ଏ କଥାଟି କହିଲେ ମଧ ସମାନଭାବରେ ନିରାପଦ ହେବ ଯେ ଦେବତୁଲ୍ୟ ବ୍ୟକ୍ତିମାନେ ନିୟମିତ ଜନଗଣଙ୍କ ଲାଗି କଦାପି ସମାଜବାଦର ସୁପାରିଶ କରି ନାହାନ୍ତି ।

ଦେବତୁଲ୍ୟ ନରନାରୀମାନଙ୍କ ସତ୍ତ୍ୱେ ଏହି ପୃଥିବୀରେ ତଥାପି ଅନ୍ଧବିଶ୍ୱାସ ଗୁଡିକୁ ବୃଦ୍ଧି ପାଇବା ଲାଗି ଖୁବ୍ ଅନୁକୂଳତା ମିଳିଛି । ସ୍ୱୟଂ ହିନ୍ଦୁଧର୍ମରେ ମଧ ଏକାବେଳେକେ ଆଜିଯାଏ ଅସ୍ପୃଶ୍ୟତା ନିଃସନ୍ଦେହ ଭାବରେ ଆଧିପତ୍ୟ ବିସ୍ତାର କରି ରହି ଆସିଛି । ପ୍ରକୃତ କଥା ହେଉଛି ସେହି ମହାନ୍ ଶକ୍ତି ଓ ତା'ର ପ୍ରଚ୍ଛନ୍ନ ସମ୍ଭାବନାଗୁଡିକୁ ଜାଣିବା ସର୍ବଦା ଏକ ଆୟାସ ସାଧ ଏଷଣାର ବସ୍ତୁ ହୋଇ ରହି ଆସିଛି ।

# ଚିନାବାଦାମର ଉପକାରିତା

ପ୍ରତି ୧୦୦ ଗ୍ରାମ ଚିନାବାଦାମରେ ୧୬୬ କ୍ୟାଲୋରୀ, ୭.୮ ଗ୍ରାମ ପ୍ରୋଟିନ୍, ୧୭.୧ ମିଲିଗ୍ରାମ କ୍ୟାଲସିୟମ, ୨୦୩ ମିଲିଗ୍ରାମ ପୋଟାସିୟମ, ୪୯.୩ ମିଲିଗ୍ରାମ ମ୍ୟାଗ୍ନେସିୟମ, ୧୧୧ ମିଲିଗ୍ରାମ ଫସଫରସ, ୮୯.୬ ମିଲିଗ୍ରାମ ସୋଡିୟମ, ୪.୩ ଗ୍ରାମ କାର୍ବୋହାଇଡ୍ରେଟ, ୨.୬ ଗ୍ରାମ ଫାଇବରର ଓ ୧୪.୭ ମିଲିଗ୍ରାମ ଫ୍ୟାଟ୍ ମହଜୁଦ ରହିଛି ।

ସୁସ୍ଥ ହୃଦୟ ପାଇଁ: ଚିନାବାଦାମରେ ମୋନୋସାଚୁରେଡ୍ ଏବଂ ପଲିସାଚୁରେଟେଡ୍ ଫ୍ୟାଟ୍ ରହିଛି, ଯାହା ସୁସ୍ଥ ହୃଦୟ ପାଇଁ ଖୁବ୍ ଜରୁରୀ । ଏହି ଦୁଇଟିର ସନ୍ତୁଳନ ମାତ୍ରା କୋଲେଷ୍ଟ୍ରୋଲ ସ୍ତରକୁ ନିୟନ୍ତ୍ରଣରେ ରଖେ । ଫଳରେ ଖରାପ କୋଲେଷ୍ଟ୍ରୋରଲ କମ୍ ହୋଇ ଶରୀର ପାଇଁ ଆବଶ୍ୟକ ଜରୁରୀ କୋଲେଷ୍ଟ୍ରୋଲର ଉତ୍ପାଦନ ବଢ଼ିଥାଏ । ଏହା ଦ୍ୱାରା ହୃଦୟକୁ ଅନେକ ପ୍ରକାର ରୋଗରୁ ରକ୍ଷା କରାଯାଇପାରେ ।

ଭରପୁର ପ୍ରୋଟିନ୍: ସେଲ୍ ଗଠନ ପାଇଁ ପ୍ରୋଟିନ୍ ସବୁଠୁ ଅଧିକ ଦରକାର ହୋଇଥାଏ । ପ୍ରୋଟିନ୍ ନୁଆ କୋଷ ତିଆରି କରିବା ଏବଂ ପୁରୁଣା କୋଷକୁ ଠିକ୍ ରଖିବା କାମ କରିଥାଏ । ଚିନାବାଦାମରେ ରହିଛି ଭରପୁର ପ୍ରୋଟିନ୍ । ତେଣୁ ପିଲାଠୁ ବୟସ୍କ ସମସ୍ତେ ଦୈନିକ କିଛି ପରିମାଣର ଚିନାବାଦାମ ଖାଇବା ଉଚିତ । ଯେଉଁମାନେ ଶାକାହାରୀ, ସେମାନେ ଚିନାବାଦାମ ନିଶ୍ଚିତ ଭାବରେ ଖାଇବା ଉଚିତ । ଏହା ଦ୍ୱାରା ଶରୀରରେ ପ୍ରୋଟିନର ଅଭାବ ପୂରା ହୋଇପାରିବ ।

ଆଣ୍ଟି ଅକ୍ସିଡାଣ୍ଟରେ ଭରପୁର: ଚିନାବାଦାମରେ ପଲିଫେନୋଲସ୍ ନାମକ ଏକ ଉତ୍ତମ ଆଣ୍ଟିଡାଣ୍ଟ ପ୍ରଚୁର ମାତ୍ରାରେ ରହିଛି । ଏହା ବ୍ୟତୀତ ଏଥିରେ କୋମାରିକ୍ ଏସିଡ୍ ଏବଂ ଓଲେଇକ୍ ଏସିଡ୍ ବି ମହଜୁଦ୍ ରହିଛି, ଯାହା ସୁସ୍ଥ ହୃଦୟ ପାଇଁ ଦରକାରୀ । ଏହା ମଧ



ରେଡିକଲସ ଦୂର କରି ହୃଦୟକୁ ସଂକ୍ରମଣରୁ ରକ୍ଷା କରିଥାଏ ।

ମିନେରାଲସ୍: ଚିନାବାଦାମରେ ମ୍ୟାଗ୍ନେସିୟମ, ଫସଫରସ୍, ଜିଙ୍କ, ପୋଟାସିୟମ, କ୍ୟାଲସିୟମ ଏବଂ ସୋଡିୟମ ଆଦି ସମସ୍ତ ପ୍ରକାର ମିନେରାଲସ୍ ମହଜୁଦ୍ ରହିଛି । ଶରୀରକୁ ସକ୍ରିୟ ତଥା ଫୁର୍ତ୍ତିଶୀଳ ରଖିବା ପାଇଁ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ସବୁ ମିନେରାଲସ୍ ପାଚନ କ୍ରିୟା ଭଲଭାବେ କରିବା ସହିତ ଲିଭର ଏବଂ ହାର୍ଟକୁ ସୁସ୍ଥ ରଖିଥାଏ । ଫଳରେ ରୋଗ ହେବାର ଆଶଙ୍କା କମ୍ ରହେ ।

ଭିଟାମିନ୍‌ର ସ୍ରୋତ: ଶରୀରର ଉତ୍ତମ ବିକାଶ ପାଇଁ ସବୁଠୁ ଅଧିକ ଦରକାର ପ୍ରୋଟିନ୍ । ଏହା ଛଡ଼ା କୋଷ ଏବଂ ଟିସ୍ୟୁ ଗଠନ ପାଇଁ ଭିଟାମିନ୍ ନିହାତି ଦରକାର । ଶରୀରର ଗଠନ ପାଇଁ ଭିଟାମିନ୍ ନିହାତି ଦରକାର । ଶରୀରର ଅବଶିଷ୍ଟ ଅଙ୍ଗ ପ୍ରତ୍ୟଙ୍ଗ ଠିକ୍ ଭାବରେ କାମ କରିବା ପାଇଁ ମଧ ଏହାର ଆବଶ୍ୟକତା ରହିଛି । ମେଟାବଲିଜମର ସ୍ତର ଠିକ୍ ରଖିବା ସହିତ ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟକୁ ଏନର୍ଜିରେ ପରିଣତ କରିବା କାମ ମଧ ଭିଟାମିନ୍ ହିଁ କରିଥାଏ । ଚିନାବାଦାମରେ ଭରପୁର ଭିଟାମିନ୍ ରହିଥିବାରୁ ଏହା ଖାଇଲେ ଶରୀରରେ ଭିଟାମିନ୍‌ର ଅଭାବ ରହେ ନାହିଁ ।

ଫୋଲେଟ୍ ବି ଜରୁରୀ: ଗର୍ଭବତୀ ମହିଳାଙ୍କ ଶରୀରରେ ଉଚିତ ପରିମାଣର ଫୋଲେଟ୍ ରହିଥିଲେ ସନ୍ତାନ ଜନ୍ମ ସମୟର ନାନା ପ୍ରକାର ସମସ୍ୟାରୁ ମୁକ୍ତି ମିଳିଥାଏ । ଚିନାବାଦାମରେ ପ୍ରଚୁର ପରିମାଣରେ ଫୋଲେଟ୍ ମହଜୁଦ୍ ରହିଛି । ତେଣୁ ଗର୍ଭବତୀ ମହିଳାମାନେ ଚିନାବାଦାମ ଖାଇବା ଉଚିତ । ଚିନାବାଦାମ ଖାଇବା ଦ୍ୱାରା ସମୟ ପୂର୍ବରୁ ପ୍ରସବ ଆଶଙ୍କା ମଧ କମିଯାଏ ।

ଭିଟାମିନ୍ ୧୩ରେ ଭରପୁର: ଚିନାବାଦାମରେ ଭିଟାମିନ୍ ବି ୩ ମହଜୁଦ୍ ରହିଛି, ଯାହା ମସ୍ତିଷ୍କ ପାଇଁ ବହୁତ ଜରୁରୀ । ଏହି କାରଣରୁ କେହି କେହି ଏହାକୁ ବ୍ରେନଫୁଡ୍ ବୋଲି ବି କହିଥାନ୍ତି । ଏଥିରେ ମହଜୁଦ୍ ନିୟାସିନ ତତ୍ତ୍ୱ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼ାଏ । ଫଳରେ ସ୍ମୃତିଶକ୍ତି ପ୍ରଖର ହୁଏ । ମାନସିକ ଅବସାଦ, ଦୁଶ୍ଚିନ୍ତା ଆଦି ସମସ୍ୟା ଦୁର ହୋଇଯାଏ

## ଆପଣ ଜାଣନ୍ତି କି ?

- ଦିନ ଅପେକ୍ଷା ରାତି ସମୟରେ ମସ୍ତିଷ୍କ ଅଧିକ ସକ୍ରିୟ ଥାଏ ।
- ଜନ୍ମ ପରେ ନାକ, କାନର ଆକାର ବଢ଼ିଥାଏ, ଆଖିର ଆକାର ସ୍ଥିର ରହେ ।
- ଜିଭ ସର୍ବାଧିକ ଶକ୍ତିଶାଳୀ । ମାଂସପେଶୀ ଓ ମାଢ଼ି ଅସ୍ଥି ସବୁଠୁ ଟାଣ ।
- ପୁରୁଷ ଶରୀରର ଆନୁମାନିକ ରକ୍ତ ପରିମାଣ ୬.୮ ଲିଟର୍ ଓ ମହିଳାଙ୍କର ପାଞ୍ଚ ଲିଟର ।
- ରକ୍ତପ୍ରବାହ ହେଉ ନ ଥିବା ଏକ ମାତ୍ର ଅଙ୍ଗ ଆଖିର କର୍ନିଆ, ଏହା ବାୟୁମଣ୍ଡଳର ଅମ୍ଳଜାନ ନିଏ ।
- ପୁରୁଷଙ୍କ ତୁଳନାରେ ମହିଳାଙ୍କ ହୃଦ୍‌ସ୍ପନ୍ଦନ ଅଧିକ କ୍ଷିପ୍ର, ଆଘ୍ରାଣ ଶକ୍ତି ବି ଅଧିକ ।
- ପ୍ରତି ମିନିଟରେ ତିନି ଶହ ନିୟୁତ କୋଷ ଶରୀରରେ ସମାଧି ନିଅନ୍ତି ଏବଂ ଦିନକୁ ତିନି ଶହ କୋଟି ନୂଆ କୋଷ ଜନ୍ମ ହୁଅନ୍ତି ।
- ଶରୀରର ସମୁଦାୟ ଅସ୍ଥିର ଅଧା ରହିଛି କେବଳ ହାତ ଓ ପାଦରେ ।
- ଜୀବନକାଳ ମଧରେ ଜଣେ ମଣିଷର ଜିଭରୁ ଝରୁଥିବା ସମୁଦାୟ ଲାଳ ଦୁଇଟି ସନ୍ତରଣ କୁଣ୍ଡ ପାଇଁ ଯଥେଷ୍ଟ ।
- ଦଶ ବର୍ଷରେ ଥରେ କଙ୍କାଳର ଗଠନ ପ୍ରକ୍ରିୟାରେ ସ୍ୱତଃପରିବର୍ତ୍ତନ ଘଟେ ।
- ହୀରାକୁଦ ପୃଥିବୀର ଦୀର୍ଘତମ ଡ୍ୟାମ୍ ହୋଇଥିବା ବେଳେ ଏସିଆର ସବୁଠାରୁ ବଡ଼ କୃତ୍ରିମ ହ୍ରଦ ।

## ଶରୀର ପାଇଁ ପାଣିସିଙ୍ଗଡ଼ା



ସ୍ୱାସ୍ଥ୍ୟ ପାଇଁ ହିତକର ଫଳଟିଏ ପାଣିସିଙ୍ଗଡ଼ା । ପୋଷକତତ୍ତ୍ୱରେ ଭରପୂର ଏହି ଫଳଟି ବହୁ ପ୍ରାଚୀନ କାଳରୁ ଔଷଧ ଭାବରେ ବ୍ୟବହାର କରାଯାଇ ଆସୁଛି । ଡାଇରିଆ ଏବଂ ପତଳା ଝାଡ଼ା କ୍ଷେତ୍ରରେ ଏହାକୁ ଖାଇବା ବେଶ୍ ଲାଭଦାୟକ । ସିଙ୍ଗଡ଼ାକୁ କଞ୍ଚା ଖାଇବା କିମ୍ବା ଏହାର ଜୁସ୍ ଭାବେ ପିଇବା ଦ୍ୱାରା ଶରୀରରୁ କ୍ଷତିକାରକ ବିଷାକ୍ତ ତତ୍ତ୍ୱ ବାହାରିଯାଏ । ଏହାକୁ ଖାଇବା ଦ୍ୱାରା ଅସମୟରେ ଦେଖାଯାଉଥିବା କୁଞ୍ଚନ, ଏକ୍‌ଜିମା ପରି ସମସ୍ୟା ରୋକାଯାଇ ପାରେ । ଏହା ତ୍ୱଚାକୁ କ୍ଷତିକାରକ ଅତିବାଇଗଣୀ ରଶ୍ମିରୁ ବି ରକ୍ଷା କରିଥାଏ । ପାଣିସିଙ୍ଗଡ଼ାର ଚୋପା ବାହାରକରି ଖରାରେ ଶୁଖାଇ ତାକୁ ପାଣି ସହିତ ବାଟ ପେଷ୍ଟ କରିବା ପରେ ଫୁଲିଥିବା ତ୍ୱଚାରେ ଲଗାଇଲେ ଫୁଲା ଦୂର ହୋଇପାରିବ ।

## ଔଷଧୀୟ ପଣସ ମଞ୍ଜି

ପଣସ ମଞ୍ଜି ଖୁବ୍ ଟେଷ୍ଟି । ଅନେକ ପାଚିଲା ପଣସ ଖୋସାକୁ ଖାଇବା ପରେ ଭିତର ମଞ୍ଜିକୁ ଫିଙ୍ଗି ଦେଇଥାନ୍ତି । କିନ୍ତୁ ପଣସ ମଞ୍ଜିରେ କାର୍ବୋହାଇଡ୍ରେଟ୍, ଫାଇବର, ଭିଟାମିନ୍ ଏ'ସି', ବି', କ୍ୟାଲସିୟମ, ଜିଙ୍କ୍ ଓ ଫସ୍‌ଫରସ୍ ଭରି ରହିଛି । ଏହାର ମଞ୍ଜିକୁ ସିଝାଇ, ଭାଜି, ପୋଡ଼ି କରି ମଧ ଖିଆଯାଏ ।



ଓଜନ କମ୍ କରିବା ପାଇଁ ପଣସ ମଞ୍ଜି ଫଳପ୍ରଦ । ଏଥିରେ ଅଧିକ ମାତ୍ରାରେ ଫାଇବର ରହିଛି । ଏଣୁ କ୍ୟାଲୋରି ଓ ଓଜନ କମ କରିବା ପାଇଁ ଏହା ଉତ୍ତମ । ଏହା ସହିତ ବ୍ଲଡ କୋଲେଷ୍ଟ୍ରାଲର ସ୍ତରକୁ ମଧ ନିୟନ୍ତ୍ରଣରେ ରଖିଥାଏ । ଯଦ୍ୱାରା ହୃଦୟ ରୋଗ ଦେଖାଦେବାର ଆଶଙ୍କା କମ୍ ହୋଇଥାଏ ।

ଯଦି ଆପଣ ଏନର୍ଜି ଚାହୁଁଛନ୍ତି ତେବେ ପଣସ ମଞ୍ଜି ଖାଆନ୍ତୁ । କାହିଁକି ନା ପଣସ ମଞ୍ଜିରେ ଅଧିକ ମାତ୍ରାରେ ଷ୍ଟାର୍ଚ ରହିଛି । ଏକ ଗିନା ପଣସ ମଞ୍ଜି ଖାଇବା ଦ୍ୱାରା ସାରା ଦିନ ଶକ୍ତି ମିଳିଥାଏ ।

ପଣସ ମଞ୍ଜିରେ ଭିଟାମିନ୍ ଏ ଓ ସି' ରହିଛି । ଚକ୍ଷୁ ପାଇଁ ହିତକର ଏବଂ ପଣସ ମଞ୍ଜି କେଶର ଘନତ୍ୱକୁ ବଜାୟ ରଖିଥାଏ । ପଣସ ମଞ୍ଜି ଖାଇବାରେ ଶିରରେ ବ୍ଲଡ ସର୍କୁଲେଶନ ବଢ଼ିଥାଏ, ଫଳରେ କେଶ ଖୁବ୍ ଶୀଘ୍ର ବଢ଼ିଥାଏ ।

ପଣସ ମଞ୍ଜିରେ ପ୍ରଚୁର ପରିମାଣର ଆଇରନ ରହିଛି ଓ ଆଇରନ ଶରୀର ପାଇଁ ଖୁବ୍ ଜରୁରୀ । ଏହାକୁ ନିୟମିତ ଖାଇଲେ ରକ୍ତହୀନତା ଦେଖା ଦିଏ ନାହିଁ । ଏଥିରେ ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ ।

ଏଥିରେ ମାଙ୍ଗାନିକ ଓ ମାଗ୍ନେସିୟମ୍ ଭଳି ମିନେରାଲ ପ୍ରଚୁର ମାତ୍ରାରେ ରହିଛି । ମ୍ୟାଗ୍ନେସିୟମ ଶରୀରରେ କ୍ୟାଲସିୟମ୍ ଅବଶୋଷଣରେ ସହାୟତା କରିଥାଏ । ଅସ୍ଥିକୁ ମଜଭୁତ କରିଥାଏ ପଣସ ମଞ୍ଜି ।

ପଣସ ମଞ୍ଜିରେ ମାଇକ୍ରୋନ୍ୟୁଟି ଏଣ୍ଟ ଓ ପ୍ରୋଟିନ୍ ଥିବାରୁ ମାନସିକ ଚାପ ଦୂର କରିଥାଏ । ମାନସିକ ଚାପ ଦେଇ ଗତି କରୁଥିଲେ ପଣସ ମଞ୍ଜି ଖାଇଲେ ସମସ୍ୟାରୁ ମୁକ୍ତି ମିଳିଥାଏ ।

ପଣସ ମଞ୍ଜିରେ ଥିବା ଫାଇବର କୋଷ୍ଠକାଠିନ୍ୟକୁ ଦୂର କରେ । ଏଥିରେ ଥିବା ଫାଇବର ପାଚନତନ୍ତ୍ରକୁ ଉତ୍ତମ ରଖେ ।

ଆଣ୍ଟିଅକ୍ସିଡାଣ୍ଟରେ ଭରପୁର ରହିଥିବା ହେତୁ ପଣସ ମଞ୍ଜି ଶରୀରକୁ କ୍ୟାନସରରୁ ରକ୍ଷା କରିଥାଏ । ଡିଏନଏ କୋଷିକାକୁ କ୍ଷତିଗ୍ରସ୍ତ କରି ନ ଥାଏ ।

## ରୋଗରୁ ମୁକ୍ତି ଦିଏ କାଙ୍କଡ଼

କାଙ୍କଡ଼ ସହଜରେ ହଜମ ହୋଇଥାଏ । ଏହାକୁ ଔଷଧ ରୂପରେ ବ୍ୟବହାର କରାଯାଏ । ୧୦୦ ଗ୍ରାମ କାଙ୍କଡ଼ରେ ୧୭ କ୍ୟାଲୋରି ମିଳିଥାଏ । ଏଥିରେ ଫାଇବର, ଖଣିଜ, ଭିଟାମିନ୍ ଓ ଆଣ୍ଟିଅକ୍ସିଡାଣ୍ଟ ଭଳି ବିଭିନ୍ନ ପୋଷକ ତତ୍ତ୍ୱ ଭରି ରହିଥାଏ ।



**ଗର୍ଭବତୀଙ୍କ ପାଇଁ ଉପଯୋଗୀ:** ଗର୍ଭବତୀଙ୍କ ପାଇଁ କାଙ୍କଡ଼ ଖୁବ୍ ଉପାଦେୟ । ଏଥିରେ ଥିବା ଉତ୍ତମ ସ୍ରୋତ କୋଷିକାର ବିକାଶ ଓ ପ୍ରଜନନ ପାଇଁ ଆବଶ୍ୟକ ହୋଇଥାଏ । ଯଦି ଗର୍ଭବତୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଚାହୁଁଛନ୍ତି ତେବେ ନିୟମିତ ଖାଦ୍ୟରେ ନିଶ୍ଚୟ ଅଳ୍ପ କାଙ୍କଡ଼ ଖାଆନ୍ତୁ । ଏହା ନ୍ୟୁରଲ ଟ୍ୟୁବ୍ ଡିଫେକ୍ଟକୁ କମ୍ କରିଥାଏ ।

## କହିପାରିବେ କି ?

(୧) ଭାରତର କ୍ଷେତ୍ରଫଳ କେତେ ?
(୨) ସିକିମ ରାଜ୍ୟ କେବେ ପ୍ରତିଷ୍ଠା ହୋଇଥିଲା ?
(୩) ଜାତୀୟ ଧ୍ୱନୀ କ'ଣ ?
(୪) 'ଦେଶର ପୂଜା ପ୍ରକୃତରେ ରାମଙ୍କ ପୂଜା ଅଟେ' କାହାର ଆହ୍ୱାନ ଥିଲା ?
(୫) 'ସ୍ୱର କୋକିଳା' ନାମରେ କିଏ ପରିଚିତ ?
(୬) ବାର୍ତ୍ତା ପଠାଇବାର ସବୁଠାରୁ ବଡ଼ ମାଧମ କିଏ ?
(୭) ଅମୃତସର ସହରକୁ କିଏ ପ୍ରତିଷ୍ଠା କରିଥିଲେ ?
(୮) ଦୀର୍ଘତମ ରେଳ ମାର୍ଗ ?
(୯) ଭାରତର ପ୍ରଥମ ଟେଲିଭିଜନ ପ୍ରସାରଣ କବେ ହୋଇଥିଲା ?
(୧୦) ଭାରତର ପ୍ରଥମ ମହିଳା ଇଂଜିନିୟର କିଏ ?

### JUMBLE WORDS

| | | | |
|---|---|---|---|
| 1) SUYFS | = | 6) CRAKT | = |
| 2) KVOEE | = | 7) TOSOHM | = |
| 3) LUTEML | = | 8) VANDEI | = |
| 4) THROTE | = | 9) GAEDA | = |
| 5) SERSP | = | 10) RYUSL | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ମହମ୍ମଦ ଅଲୀ ଜିନ୍ନା, ୨. ସଂସ୍କୃତ, ୩. ଷଷ୍ଠ, ୪. ଇଂଲଣ୍ଡ, ୫.ବଙ୍ଗଳା, ୬. ୦୨୨, ୭. ୧୮୮୦, ୮. ଭୋପାଳ, ୯. ଶେରଶାହା, ୧୦. ରେବା ।

***Jumble Words*** ର ଉତ୍ତର :-

(1) FENNEL (2) SECEDE (3) FRESH (4) ALPHA (5) IMPLY (6) ENROLL (7) BATTER (8)CHIDE (9) CRUSH (10) THRASH

## ବିପଦରେ ସମ୍ବଲପୁର, ଝାରସୁଗୁଡ଼ା ଶିଳ୍ପାଞ୍ଚଳବାସୀ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍‌ର ରେଙ୍ଗାଲି ଓ ନିଶାନଭଙ୍ଗା ତଥା ଝାରସୁଗୁଡ଼ା ଜିଲ୍ଲା ପତ୍ରାପାଲିର ଭୂତଳଜଳରେ ଅତ୍ୟଧିକ ପରିମାଣରେ ଫ୍ଲୋରାଇଡ୍ ରହିଥିବା କେନ୍ଦ୍ରୀୟ ଭୂତଳଜଳ ବୋର୍ଡ ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି । ବୋର୍ଡ ପକ୍ଷରୁ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ବ୍ଲକ ଏବଂ ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ବ୍ଲକର ଭୂତଳ ପାଣି ନମୁନା ସଂଗ୍ରହ କରି ଅଧ୍ୟୟନ କରାଯାଇଥିଲା । ସୂଚନା ଅନୁଯାୟୀ, ଭୂତଳ ଜଳରେ ଲିଟର ପିଛା ୧, ୧୩ ମିଲିଗ୍ରାମରୁ ୭.୮୫ ମିଲିଗ୍ରାମ ମଧ୍ୟରେ ଫ୍ଲୋରାଇଡ୍ ରହିବା କଥା ହେଲେ ଏହି ରିପୋର୍ଟ ଅନୁଯାୟୀ, ସମ୍ବଲପୁର ଏବଂ ଝରସୁଗୁଡ଼ା ଜିଲ୍ଲାର ଅଧ୍ୟୟନ କ୍ଷେତ୍ରର ଭୂତଳ ଜଳରେ ୧୧ରୁ ୪୮୨ ମିଲିଗ୍ରାମ ପର୍ଯ୍ୟନ୍ତ ଫ୍ଲୋରାଇଡ ଥିବା ଜଣାପଡ଼ିଛି । ସମ୍ବଲପୁର ଜିଲ୍ଲାର ରେଙ୍ଗାଲି-୨ରେ ସର୍ବାଧିକ ୪୮୨ ମିଲିଗ୍ରାମର ଫ୍ଲୋରାଇଡ୍ ରହିଥିବା କୁହାଯାଇଛି । ଅନ୍ୟ ଅଞ୍ଚଳ ମଧ୍ୟରେ ମୌସୁମୀ ପୂର୍ବରୁ ଲିଟର ପିଛା ଝାରସୁଗୁଡ଼ା ଜିଲ୍ଲାର ବେହେରାପାଟିରେ ୨୬୨ ମିଲିଗ୍ରାମ, ବୁଧିଆପଡ଼ାରେ ୨୭୭ ଏମଜି, ଡୁମୁରାମୁଣ୍ଡାରେ ୪୦୮ ଏମ୍.ଏଚ୍. କଟାପାଲିରେ ୪୬୪ ଏମ୍ଜି, ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକରେ ତିଳେଇମାନରେ ୩୪୪ ଏମଜି, ରେଙ୍ଗାଲିରେ ୨୫୨ ଏମଜି, ଲପଙ୍ଗାରେ ୩୭୨ ଏମଜି ଏବଂ ଝାରମୁଣ୍ଡାରେ ୨୫୫ ଏମ୍ ଫ୍ଲୋରାଇଡ୍ ଥିବା ପରୀକ୍ଷାରୁ ଜଣାପଡ଼ିଛି । ମୌସୁମୀ ପରବର୍ତ୍ତୀ ସମୟରେ ରେଙ୍ଗାଲି ୨ରେ ୧ ଲିଟର୍ ପାଣିରେ ୨୮୭ ଏମ୍ଜି ଏବଂ ଝାରସୁଗୁଡ଼ା ଜିଲ୍ଲାର ଏଚ୍.କଟାପାଲିରେ ୩୯୧ ଏମ.ଏଲ ଫ୍ଲୋରାଇଡ୍ ମିଳିଛି । ପ୍ରକ୍ ମୌସୁମୀ ସମୟରେ ପାଣିରେ ଫ୍ଲୋରାଇଡ୍‌ର ପରିମାଣ ଅଧିକ ରହୁଥିବା ପରୀକ୍ଷଣରୁ ଜଣା ପଡ଼ିଛି । ଶିଳ୍ପ ଓ ଘରୋଇ ଆବର୍ଜନା ଏହାର ଅନ୍ୟତମ କାରଣ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ସୁରକ୍ଷିତ ପାନୀୟ ଜଳରେ ଲିଟର ପିଛା ୧୦ ମିଲିଗ୍ରାମ୍ ନାଇଟ୍ରେଟ୍ ରହିବା ଉଚିତ କିନ୍ତୁ ଝରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ୍‌ର ପରମାଣପୁରରେ ଲିଟର ପିଛା ପାଣିରେ ୨୧୯ ଏମ.ଜି ନାଇଟ୍ରେଟ୍ ରହୁଥିବା ଜଣାପଡ଼ିଛି । ଝାରମୁଗୁଡ଼ା ଜିଲ୍ଲାର ବଢ଼େଇମୁଣ୍ଡା, ଝାନମୁଣ୍ଡା-୨, କୁରେବଗା, ବୁଧାଇପଡ଼ା, ବୃନ୍ଦାମାଲ-୨, ଭାଗିପାଲି, ତବକା, ଏଚ୍. କଟାପାଲି, ସମ୍ବଲପୁର ଜିଲ୍ଲାର ବୋମାଲୋଇ, ତେରବା, ରେଙ୍ଗାଲି-୨, ବାରମୁଣ୍ଡା ସମେତ ୧୫ଟି କ୍ଷେତ୍ରରେ ଲିଟର ପିଛା ୪୫ ଏମ୍ଜିରୁ ଅଧିକ ନାଇଟ୍ରେଟ୍ ଥିବା ଜଣା ପଡ଼ିଛି । ସୁରକ୍ଷିତ ପାନୀୟଜଳରେ କ୍ୟାଲସିୟମ, ମାଗ୍ନେସିୟମ, କ୍ଲୋରାଇଡ ଫ୍ଲୋରାଇଡ୍, ନାଇଟ୍ରେଟ୍, ସଲଫେଟ୍ ଭଳି ଉପାଦାନ ନିର୍ଦ୍ଦିଷ୍ଟ ମାତ୍ରା ଓ ଅନୁପାତରେ ରହିଥାଏ । ଏହା କମ୍ ବା ଅଧିକ ହେଲେ ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ । ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲ୍ଲାର ଏହି ଅଞ୍ଚଳ ମାନଙ୍କରେ ପାଣିରେ ଏତେ ପରିମାଣର ଫ୍ଲୋରାଇଡ୍‌ର ଉପସ୍ଥିତି ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ବିଶେଷଜ୍ଞଙ୍କ ମତ । ଏଥିପାଇଁ ଭୂତଳ ଜଳ ବୋର୍ଡ ପକ୍ଷରୁ ଅନେକ ସୁପାରିସ କରାଯାଇଛି । ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକର ଏହି ଅଧ୍ୟୟନ କ୍ଷେତ୍ରରେ ୧୪ଟି ବଡ଼, ୨୦ଟି ମଧ୍ୟମ ଏବଂ ୨୦ଟି ମଧ୍ୟମ-କ୍ଷୁଦ୍ର ଶିଳ୍ପ, ରେଙ୍ଗାଲି ବ୍ଲକ୍‌ରେ ୮ଟି ବଡ଼, ୨ଟି ମଧ୍ୟମ ଓ ୨ଟି ମଧ୍ୟମ- କ୍ଷୁଦ୍ର ଶିଳ୍ପ ରହିଛି । ଯାହାର ପ୍ରଭାବ ଏହି ଅଞ୍ଚଳର ପାଣି ଉପରେ ପଡୁଛି ବୋଲି କୁହାଯାଉଛି ।

## ପତିତ ଜୀବନର ଉଦ୍ଧାରକ ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥ

ଭୁବନେଶ୍ୱର ରାଜ୍ୟର ଅଗ୍ରଣୀ ଅନୁଷ୍ଠାନ 'ଦିବ୍ୟ ଅନ୍ୱେଷା' ଆନୁକୂଲ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ନବଯୌବନ ଦର୍ଶନ' ଅବସରରେ 'ପ୍ରପନ୍ନର ପାରିଜାତ- ପ୍ରଭୁ ଶ୍ରୀଜଗନ୍ନାଥ ଆୟୋଜିତ ହୋଇଯାଇଛି । ଦିବ୍ୟ ଅନ୍ୱେଷାର ସଭାପତି ନୀଳାଦ୍ରି ମୋହନ ଶତପଥୀଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ନୃତ୍ୟ ଗୁରୁ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର ବରେଣ୍ୟ ଅତିଥି ଓ ଅଧାପକ ଡକ୍ଟର ମୃତ୍ୟୁଞ୍ଜୟ ରଥ ବରେଣ୍ୟ ବକ୍ତା ଭାବେ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରତି ପ୍ରାଣର ସ୍ପନ୍ଦନ ଓ ପତିତମାନଙ୍କ ମୋକ୍ଷଦାତା ଭାବେ ଅଭିହିତ କରି, ଶରଣାଗତ ପାଇଁ ନିର୍ଭୟ ଆଶ୍ରୟ ବୋଲି ମତ ବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଆଲୋଚନାର ପୃଷ୍ଠଭୂମିରେ ସଭାପତି ମହାପ୍ରଭୁଙ୍କ ପ୍ରତି ସମର୍ପିତ ଭକ୍ତଙ୍କର ପାରିଜାତ ସମ ଆନନ୍ଦଦାୟକ ଉପଲବ୍ଧି ବୋଲି ଉଲ୍ଲେଖ କରି 'ପ୍ରପନ୍ନର ପାରିଜାତ- ପ୍ରଭୁ ଶ୍ରୀଜଗନ୍ନାଥ' ରହସ୍ୟର ଉନ୍ମୋଚନ କରିଥିଲେ । ଅନୁଷ୍ଠାନର ଆବାହକ ଅଶୋକ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଡକ୍ଟର ପ୍ରଶାନ୍ତ କୁମାର ସୁଆର ଅନୁଷ୍ଠାନର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ ।

ଅନୁଷ୍ଠାନର ଅନ୍ୟତମ ସଦସ୍ୟ ବିଶିଷ୍ଟ କଣ୍ଠଶିଳ୍ପୀ ଡକ୍ଟର ସର୍ବେଶ୍ୱର ବୈଠାରୁ ଓ ଅନ୍ୟ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ । ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦିକା ଗୁରୁ ସ୍ୱୟଂପ୍ରଜ୍ଞା ସାହୁଙ୍କ ତତ୍ତ୍ୱାବଧାନରେ ଶିଳ୍ପୀମାନଙ୍କ ଦ୍ୱାରା ନୃତ୍ୟ ନାଟିକା 'ମଥୁରା ଗମନ' ପରିବେଷିତ ହୋଇଥିଲା । ଦିବ୍ୟ ଅନ୍ୱେଷାର ଉପସଭାପତି ମିଲନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ବରିଷ୍ଠ ସଦସ୍ୟ ଡକ୍ଟର ବେଣୁଧର ଦାସ, ବିଜୟା ମିଶ୍ର, ମିନାକ୍ଷୀ ପ୍ରିୟଦର୍ଶିନୀ, ସୁକାନ୍ତ କୁମାର ଗିରି, ଅଜୟ କୁମାର ସାହୁ, ବିମଳ ଲୋଚନ ପଟ୍ଟନାୟକ, ଦିଲୀପ କୁମାର ଦାସ, ପ୍ରସନ୍ନ କୁମାର ବେହେରା ଓ ପବିତ୍ର ମୋହନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଜିଲ୍ଲାପାଳଙ୍କ ଦ୍ୱାରା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା

ଝାରସୁଗୁଡ଼ା: ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ମୁଖ୍ୟ ପ୍ରାଥମିକତା ସଂକେତ ଦେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାପାଳ ଅବୋଲି ସୁନୀଲ ନରଓ୍ୱଣେ ସମୀକ୍ଷା କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲାରେ ଶୂନ୍ୟ ମାତୃ ମୃତ୍ୟୁ ଓ ଶିଶୁମୃତ୍ୟୁ ଉପରେ ଗୁରୁତ୍ୱାରୋପ କରି ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଏ ଦିଗରେ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଗର୍ଭବତୀ ମହିଳାମାନଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିବା ଓ ସମୟାନୁଯାୟୀ ଆବଶ୍ୟକୀୟ ଚିକିତ୍ସା ସେବା ଯୋଗାଇବା ଓ ଡାକ୍ତରଖାନାମାନଙ୍କରେ ପ୍ରସବ କରାଇବା ଦିଗରେ ଯତ୍ନବାନ ହେବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାୟାକଳ୍ପ ପୁରସ୍କାର ପାଇଁ ଆସନ୍ତା ପଚିଶ ଜୁଲାଇ ସୁଦ୍ଧା ସବ ସେଣ୍ଟର ପିଏଚସି, ସିଏଚସି ମାନଙ୍କରେ ସ୍ୱାସ୍ଥ୍ୟସେବା ଜନିତ ସୁବିଧାରେ ସବୁ ପ୍ରକାରର ସୁଧାର ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ । ଚିକିତ୍ସାକେନ୍ଦ୍ରରେ ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇବା ସହ ଉତ୍ତମ ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଶିବିର ଆୟୋଜନ ଓ ପିଏଚସି ଓ ସବ ସେଣ୍ଟରମାନଙ୍କରେ ସାପ୍ତାହିକ ଯୋଗାଭ୍ୟାସ ଓ ସଚେତନତା କାର୍ଯ୍ୟକ୍ରମ ନିୟମିତ କରାଯିବାକୁ କହିଥିଲେ । ବିଭାଗୀୟ ଅଧିକାରୀମାନେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡିକରେ ସ୍ୱାସ୍ଥ୍ୟସେବାରେ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ ।

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ ରାଜ୍ୟ ସ୍ତରରେ ପ୍ରଦର୍ଶନ ଦୃଷ୍ଟିରୁ ଉତ୍ତମ ସ୍ଥାନରେ ଥିବା ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା । ସେ କହିଥିଲେ ଯେ, ଟୀକା କରଣ କ୍ଷେତ୍ରରେ ଜିଲ୍ଲାର ପ୍ରଦର୍ଶନ ଭଲ ରହିଅଛି । ମାତୃମୃତ୍ୟୁ ଓ ଶିଶୁମୃତ୍ୟୁ ହାର ପୂର୍ବ ବର୍ଷ ତୁଳନାରେ କମିଛି । ଯକ୍ଷ୍ମା ଚିହ୍ନଟ ଓ ନିରାକରଣ କ୍ଷେତ୍ରରେ କ୍ଷେତ୍ରରେ ଜିଲ୍ଲାର ପ୍ରଦର୍ଶନ ଭଲ ରହିଛି । ଯକ୍ଷ୍ମା ନିୟନ୍ତ୍ରଣ କ୍ଷେତ୍ରରେ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ପାଇଁ କିର୍ମିରା ଓ କୋଲାବିରା ବ୍ଲକର ଚିହ୍ନଟ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ଜାମଗାଁର ଜନୈକ ମହିଳାଙ୍କ ପ୍ରସବ ପରବର୍ତ୍ତୀ ସମୟରେ ମୃତ୍ୟୁ ଘଟିଥିବା ବିଷୟରେ ସମୀକ୍ଷା କରି ଜିଲ୍ଲାରେ ଯେପରି ଆଉ କୌଣସି ଗୋଟିଏ ବି ମାତୃମୃତ୍ୟୁ ନହୁଏ ସେଥିପାଇଁ ସମସ୍ତେ ସତର୍କ ରହିବାକୁ ଜିଲ୍ଲାପାଳ ଚେତାବନୀ ଦେଇଥିଲେ । ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀ ଓ ଆଶାଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ତାଗିଦ କରାଯାଇଛି ଓ ଏଥି ସକାଶେ କୈଫିୟତ ତଲବ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟମିଶନ କର୍ମକର୍ତ୍ତା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଦାରିଦ୍ର୍ୟ ନିବାରଣ ଯୋଜନା ଓ ବିକାଶ ମୂଳକ କାର୍ଯ୍ୟସୂଚୀର ସମୀକ୍ଷା ବୈଠକ

ସମ୍ବଲପୁର: ଜିଲ୍ଲାରେ ବିଭିନ୍ନ ଦାରିଦ୍ର୍ୟ ନିବାରଣ ଯୋଜନା ଓ ବିକାଶ ମୂଳକ କାର୍ଯ୍ୟସୂଚୀଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ବ୍ଲକ୍ ଉନ୍ନୟନ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିତ ଯୋଜନା, ସୋସିଆଲ ଅଡିଟ, ଗ୍ରାମ ପଞ୍ଚାୟତ ନିବାସ ସମିତି ଭବନ ନିର୍ମାଣ, ଗ୍ରାମୀଣ ଗୃହ ନିର୍ମାଣ, ଚିହ୍ନିତ ଅବ୍ୟାଙ୍କିତ ଗ୍ରାମପଞ୍ଚାୟତରେ ବ୍ୟାଙ୍କ ସଂଖ୍ୟା ବୃଦ୍ଧି, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କିତ ଅତିରିକ୍ତ ଶ୍ରେଣୀକକ୍ଷ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ, ମୁଖ୍ୟମନ୍ତ୍ରୀ ବିଶେଷ ସାହାଯ୍ୟ , ପ୍ରାଥମିକ ବୈଷୟିକ ଓ ରାଜସ୍ୱ ପ୍ରତିଷ୍ଠାନର ପୁନରୁଦ୍ଧାର ଓ ମରାମତି, ଓଡିଶା ଜୀବିକା ମିସନ ଏବଂ ମିଶନ ଶକ୍ତି ପରିଚାଳିତ ଉଦ୍ୟମଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ଶ୍ରୀ ଭେଦ ଭୂଷଣ, ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରସନ୍ନ ପାତ୍ର, ପିଏଆଇଟିଡିଏ ହେମସାଗର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଆନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚୋରାଚାଲାଣ ବିରୋଧ ଦିବସ ୨୦୨୫




ଝାରସୁଗୁଡ଼ା: ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଜିଲ୍ଲା ଅବକାରୀ ବିଭାଗ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଆନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚୋରାଚାଲାଣ ବିରୋଧ ଦିବସ ୨୦୨୫ ପାଳିତ ହୋଇ ଯାଇଛି । ସକାଳୁ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ କିଷାନ ଛକ, ବେହେରାମାଲ ଦେଇ ସଂସ୍କୃତି ଭବନ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ପତାକା ଦେଇ ଦେଖାଇ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଆଲୋକମୟୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ଅବକାରୀ ଅଧିକ୍ଷକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଡ. ସବିତ୍ୱାଲା ନାୟକ ମୁଖ୍ୟ ବକ୍ତା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଅବକାରୀ ଉପ -ଅଧିକ୍ଷକ ଯୋଗ ଦେଇଥିଲେ ।ପ୍ରଥମେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କାର୍ଯ୍ୟକ୍ରମ ରେ ସମସ୍ତଙ୍କୁ ସ୍ୱାଗତ କରି ଦିବସ ପାଳନ ର ଉଦ୍ଦେଶ୍ୟ ବିଷୟ ରେ ଅବଗତ କରାଇଥିଲେ ଏବଂ ପରିଶେଷ ରେ ଅବକାରୀ ନିରୀକ୍ଷକ ବନ୍ଦନା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆୟୋଜିତ ବକ୍ତୃତା , ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଗଲା । ପରିଶେଷରେ ବେଲପାହାଡ଼ର ମିରର ଥିଏଟର ଦ୍ୱାରା ନିଶା ନିବାରଣ ଓ ନିଶାରକୁ ସମାଜ ନିଶାର କୁପ୍ରଭାବ ଉପରେ ପର୍ଯ୍ୟବେସିତ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁରରେ ବ୍ୟାପକ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର






ସମ୍ବଲପୁର: ଦେଶରେ ଗଛ ଲଗାଇବାର ସହର ଭାବରେ ସମ୍ବଲପୁରର ନୂଆ ପରିଚୟ ତିଆରି କରିବା । ଯେପରି ମା' ସମଲେଶ୍ୱରୀ, ନୂଆଁଖାଇ, ଶୀତଳଷଷ୍ଠୀ, ମହାନଦୀ ଆଦି ସମ୍ବଲପୁରର ପରିଚୟ ହୋଇଛି, ସେହିପରି ଭାବରେ ଗଛ ଲଗାଇବାର ସହର ଭାବରେ ସମ୍ବଲପୁରର ନୂଆ ପରିଚୟ ସୃଷ୍ଟି କରିବା ପାଇଁ ଛୋଟରୁ ବଡ଼ ପର୍ଯ୍ୟନ୍ତ ସବୁ ବର୍ଗର ଲୋକମାନଙ୍କୁ ମା'ଙ୍କ ନାମରେ ଗୋଟିଏ ଗଛ ଲଗାଇବା ପାଇଁ ପ୍ରୋତ୍ସାହିତ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି ।

ସହର ଉପକଣ୍ଠସ୍ଥ ପୋତାପାଲି ଠାରେ 'ଏକ୍ ପେଡ୍ ମା' କେ ନାମ ୨.୦' ଅଭିଯାନ ଅଧିନରେ ଆୟୋଜିତ ବନ ମହୋତ୍ସବ ତଥା ବୃକ୍ଷରୋପଣ ଅଭିଯାନରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବା ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ହୋଇଛି । ଏହାର ନିରାକରଣ ପାଇଁ ପ୍ଲାଷ୍ଟିକ ବ୍ୟବହାରକୁ ହ୍ରାସ କରିବା, ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକକୁ ବର୍ଜନ କରିବା ପାଇଁ ସଚେତନତା ସୃଷ୍ଟି କରିବା ଶ୍ରୀ ପ୍ରଧାନ ସମ୍ବଲପୁରର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସାମାଜିକ ସଂଗଠନ, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ମାତୃଶକ୍ତି ଏବଂ ଅନ୍ୟ ବ୍ୟକ୍ତିବିଶେଷଙ୍କ ସହ ସାମିଲ ହୋଇ ବୁର୍ଲା ସେକ୍ସନର ପୋତାପାଲି ବୃକ୍ଷରୋପଣ ସ୍ଥାନରେ ଗଛ ଲଗାଇ ଥିଲେ । ଏହାଛଡ଼ା ସେ ପ୍ରାକୃତିକ ପରିବେଶର ସୁରକ୍ଷା, ଜଙ୍ଗଲ, ହ୍ରଦ, ନଦୀ, ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସମବେତ ଜନତାଙ୍କ ସହ ଶପଥ ପାଠ କରିଥିଲେ ।

ଏହି ଅବସରରେ ପରିବେଶ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପ୍ରକୃତିବନ୍ଧୁ ଜେମା ମେହେର ଓ ପଙ୍କଜୀନୀ ନାୟକଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମେତ ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇଥିଲେ ।

# ସାଧୁସନ୍ଥଙ୍କ ଗହଣରେ ଶ୍ରୀନିବାସ ବାବାଙ୍କ ମହୋତ୍ସବ







ସମ୍ବଲପୁର : ସ୍ଥାନୀୟ ମହାନ୍ତିପଡ଼ା ସ୍ଥିତ ଠାକୁରବାଡ଼ି ମଠର ମହନ୍ତ ଶ୍ରୀନିବାସ ଦାସଙ୍କ ଦେହ ତ୍ୟାଗର ୧୩ ଦିନ ଅବସରରେ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମଠରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ସାଙ୍ଗକୁ ଦଧିବାମନ କଲ୍ୟାଣ ମଣ୍ଡପରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶୋକସଭାରେ ସମ୍ବଲପୁର ଗୋପାଳଜୀ ମଠର ମହନ୍ତ ହୃଷିକେଶ ଦାସ, ବରଗଡ଼ ନାଗେନପାଲିର ବାବା ପ୍ରେମାନନ୍ଦ ଦାସଙ୍କ ସହିତ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ସାଧୁସନ୍ଥ ଯୋଗ ଦେଇଥିଲେ । ଶ୍ରୀମଦ୍ ଭଗବତ୍ ଗୀତାର ପଞ୍ଚଦଶ ଅଧ୍ୟାୟ ପାଠ କରାଯିବା ପରେ ସ୍ୱର୍ଗତ ମହନ୍ତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାଛଡ଼ା ସମସ୍ତ ସାଧୁଙ୍କ ସେବା ମଧ କରାଯାଇଥିଲା । ରାଧାଚରଣ ଦାସ, ନିତ୍ୟାନନ୍ଦ ଦାସ, ସଦାନନ୍ଦ ଦାସ, ପ୍ରଦୀପ ପାଢ଼ୀ, ଧର୍ମାନନ୍ଦ ପଣ୍ଡା, ଅଶୋକ ପଣ୍ଡା ଓ ସନତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଏମ୍‌ସିଏଲ୍‌ରେ ରଥଯାତ୍ରା ଅବସରରେ ପୂଜାର୍ଚ୍ଚନା



ବୁର୍ଲା: ଏମ୍‌ସିଏଲ୍‌ର ସଦର ମହକୁମା କାର୍ଯ୍ୟାଳୟରେ ଥିବା ଜଗନ୍ନାଥ ବଳଭଦ୍ର, ସୁଭଦ୍ରାଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ରଥଯାତ୍ରା ଅବସରରେ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଅବସରରେ ସି.ଏମ୍.ଡି ଉଦୟ ଅନନ୍ତ କାଓଲେ ପୂଜାର୍ଚ୍ଚନା କରିବା ସାଙ୍ଗକୁ ଛେରା ପହଁରା କରିଥିଲେ । ଏହି କାର୍ଯ୍ୟକ୍ରମରେ କାର୍ମିକ ନିର୍ଦ୍ଦେଶକ କେଶବ ରାଓ ବୈଷୟିକ ନିର୍ଦ୍ଦେଶକ ଜେ.କେ ବୋରା, ବିତ୍ତ ନିର୍ଦ୍ଦେଶକ ଏ.କେ ବେହୁରା ଏବଂ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।








Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra